**ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଶୁଭଖମ୍ଭ ସ୍ଥାପନ**

ରିଷିଡ଼ା,(ସୁଶାନ୍ତ ମଲ୍ଲିକ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରିଷିଡା ଗାନ୍ଧିନଗର ପଡ଼ାରେ ଚଳିତ ଦୋଳପୂର୍ଣ୍ଣିମା ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଶୁଭଖମ୍ଭ ସ୍ଥାପନ କରାଯାଇଛି। ଏଥିରେ ପୂଜକ ଭାବରେ ପ୍ରଶାନ୍ତ ପାଣିଗ୍ରାହୀ କାର୍ଯ୍ୟ ତୁଲାଇଥିବାବେଳେ କର୍ତ୍ତା ଭାବେ ସତ୍ୟନାରାୟଣ କୁମାର ଏବଂ ତାଙ୍କ ସହଧର୍ମିଣୀ ଶାନ୍ତିଲତା କୁମାର ରହିଥିଲେ। ଶ୍ରୀରାଧାକୃଷ୍ଣ ମହିଳା ସଂକୀର୍ତ୍ତନ ମଣ୍ଡଳୀ କର୍ତ୍ତାଙ୍କୁ ବରଣ କରିଥିଲେ। କାର୍ଯ୍ୟକ୍ରମରେ କମିଟି ସଭାପତି ଚୁମ୍ଭନ ସୁନା, ସମ୍ପାଦକ ନରେନ୍ଦ୍ର ନାଗଙ୍କ ସମେତ ଶତାଧିକ ମହିଳାପୁରୁଷ ଉପସ୍ଥିତ ଥିଲେ। ଆସନ୍ତା ୨ତାରିଖରେ ଅଧିବାସ ଓ ୩ ତାରିଖ ସକାଳେ ନାମାରମ୍ଭ ହେବ।



# ଜିଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ, ଷ୍ଟେମ୍ ପ୍ରଦର୍ଶନୀ

## ବାର୍ଷିକ ବିଜ୍ଞାନ ପତ୍ରିକା 'ବିଜ୍ଞାନ ମାଣିକ୍ୟ' ଉନ୍ମୋଚିତ

ଭବାନୀପାଟଣା, ୨୮।୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ଓୟୁଏଟି ପରିସରରେ ଶନିବାର ଜିଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ଓ ଷ୍ଟେମ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଶା ରାଇଜିଂ ଫାଉଣ୍ଡେଶନ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଅତିରିକ୍ତ ଜିଲାପାଳ ତନ୍ମୟ ଦରୱାନ ମୁଖ୍ୟ ଅତିଥି ଓ ନିପୁଣ ଓଡ଼ିଶା ମୁଖ୍ୟ ସଂଯୋଜକ ଅମରଜିତ ଜେନା, ଭବାନୀପାଟଣା ଓୟୁଏଟିର ଡିନ ପ୍ରଫେସର ସନ୍ଦୀପ୍ତ ନାୟକ, ଓଡ଼ିଶା ରାଇଜିଂ ଫାଉଣ୍ଡେଶନ ନିର୍ଦ୍ଦେଶକ ସିଏଚ୍ ଐଶ୍ୟ ପ୍ରକାଶ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ନୀଳାଞ୍ଚଳ ପାନଙ୍କ ନିର୍ଦ୍ଦେଶନାରେ ତଳବେଲଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଏହିଅବସରରେ ଅତିଥିମାନେ ବାର୍ଷିକ ବିଜ୍ଞାନ ପତ୍ରିକା 'ବିଜ୍ଞାନ ମାଣିକ୍ୟ' ଉନ୍ମୋଚନ କରିବା ସହ ଷ୍ଟେମ ପ୍ରଦର୍ଶନୀ-୨୦୨୬ ଉଦ୍‌ଘାଟନ କରିଥିଲେ। ସଭା ପରିଚାଳନା କରିଥିଲେ ଶିକ୍ଷକ ସୁଧାଂଶୁ ଶେଖର ପଣ୍ଡା ଓ ଶିକ୍ଷୟିତ୍ରୀ ଗାୟତ୍ରୀ କରୁଆଁ। ଏହି ଅବସରରେ ଶିକ୍ଷୟିତ୍ରୀ ଦୀପ୍ତିମୟୀ ସିଂହଙ୍କ ନିର୍ଦ୍ଦେଶନାରେ ଥୁଆପଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷାର୍ଥୀମାନେ ବିଜ୍ଞାନ ନାଟକ 'ଅଗ୍ନିପୁତ୍ରି' ପରିବେଷଣ କରିଥିଲେ। ଶିକ୍ଷକମାନଙ୍କ ସହ ମୁକ୍ତ ଆଲୋଚନା ଅଧିବେଶନକୁ ଶୁଭଲକ୍ଷ୍ମୀ ଦାଶ ଓ ଅଙ୍କିତା ପଟ୍ଟନାୟକ ପରିଚାଳନା କରିଥିଲେ। ବରଗଡ଼ ଜିଲାର ଶିକ୍ଷକ ଧର୍ମରାଜ ପ୍ରଧାନ ଓ ଟଙ୍କଧର ପ୍ରଧାନ, ନୂଆପଡ଼ା ଜିଲାର ଶିକ୍ଷକ ଅଶୋକ କୁମାର ବେହେରା ଓ କଳାହାଣ୍ଡିର ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର କର ଅଂଶଗ୍ରହଣ କରିଥିଲେ। ଧର୍ମରାଜ ପ୍ରଧାନ ଓ ସମୀର କୁମାର ବେହେରା ଓରିଗାମି କର୍ମଶାଳା ପରିଚାଳନା କରିଥିଲେ। ଶିକ୍ଷକ ତେଜେଶ୍ୱର ସାହୁ ଓ ଶିକ୍ଷୟିତ୍ରୀ ଲୋଟସ ତ୍ରିପାଠୀଙ୍କ ପରିଚାଳନାରେ ଜାତୀୟ ସ୍ତରରେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିବା ଶିକ୍ଷାର୍ଥୀ ଶୁଭଲକ୍ଷ୍ମୀ ସାହୁ ଓ ଆଶୁତୋଷ ମେହେର ନିଜର ଅନୁଭୂତି ଉପସ୍ଥାପନ କରିଥିଲେ। ଏହି ଉପଲକ୍ଷେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀଙ୍କ ଦ୍ୱାରା ଜିଲା ବିଜ୍ଞାନ ଫୋରମ ଗଠନ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ଓଡ଼ିଶା ରାଇଜିଂ ଫାଉଣ୍ଡେଶନର ନିର୍ଦ୍ଦେଶକ ସିଏଚ୍ ଐଶ୍ୟ ପ୍ରକାଶ, କାର୍ଯ୍ୟକ୍ରମ ମୁଖ୍ୟ ସାଗରିକା ରାୟ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ ଓ ହେମସାଗର ମହାନନ୍ଦ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ-ପ୍ରଶିକ୍ଷକ ନିହାରିକା ଦେବୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ଶ୍ୱେତାଲିନ ପ୍ରଧାନ ସଭା ସଂଯୋଜନା କରିଥିବା ବେଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଂଯୋଜକ ବୀରେନ୍ଦ୍ର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଦ୍ୱାରା ବାର୍ଷିକ ବିଜ୍ଞାନ ପତ୍ରିକା 'ବିଜ୍ଞାନ ମାଣିକ୍ୟ' ଉନ୍ମୋଚନ କରାଯାଉଛି।

# ଜିଲାସ୍ତରୀୟ ସାରସ୍ୱତ 'ଫଗୁଣ ରାଗ' କାର୍ଯ୍ୟକ୍ରମ



'ଫଗୁଣ ରାଗ' କାର୍ଯ୍ୟକ୍ରମରେ ଅତିଥି ଓ କବି।

ଭବାନୀପାଟଣା, ୨୮।୨ (ଉତ୍ତମ କୁମାର ଦାଶ)

ଶବ୍ଦର ରଙ୍ଗ ସତ୍ୟ-ଶିବ-ସୁନ୍ଦର ହେତୁ ସାହିତ୍ୟ ମାନବିକତା ମଖାଏ। ସାହିତ୍ୟର ରାଗ ଜୀବନ ଛୁଏଁ ବୋଲି ଯେତିକି ବିଭୋର କରେ ସେତିକି ସଂସ୍କାର ଦିଏ। ପୁଣି ସାହିତ୍ୟ ମା' ଭଳି ସ୍ନେହଫଗୁ ବୋଳି ଦେଇ ସତ୍-ଚିତ୍-ଆନନ୍ଦ ମନ୍ତ୍ର ତୋଳେ ବୋଲି ଜିଲାସ୍ତରୀୟ ସାରସ୍ୱତ କାର୍ଯ୍ୟକ୍ରମ 'ଫଗୁଣ ରାଗ' ପାଳନ ଅବସରରେ ଅତିଥିଗଣ ମତ ଦେଇଥିଲେ। ଶନିବାର ଭବାନୀପାଟଣାସ୍ଥ ସ୍ୱାମୀ ଶିବାନନ୍ଦ ବାଳ ବିକାଶ କେନ୍ଦ୍ର ପରିସରରେ ସର୍ବଶ୍ରୀ ସାଖିଆ ସାହିତ୍ୟ ସଂସଦର ଧାରାବାହିକ ୨୨୯ ସଂଖ୍ୟକ ଏଇ ସାହିତ୍ୟ ଆସରରେ କବି ଅଶୋକ କୁମାର ଖମାରୀ ପୌରୋହିତ୍ୟ କରିଥିବାବେଳେ କବୟିତ୍ରୀ ସବିତା ଶତପଥୀ ଅତିଥି ବକ୍ତା ଭାବେ ଯୋଗଦେଇଥିଲେ। ଶିଳ୍ପୀ ଦୀପ୍ତି ମୁଣ୍ଡ ପ୍ରାରମ୍ଭିକ ଗୀତ ପରିବେଷଣ କରିଥିଲେ। ଯୁବକବି ଆଶୁତୋଷ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ କବି ସାଗର ବୈଠାରୁ, ଆନନ୍ଦିନୀ ପାତ୍ର, ପି. ମୋହନ ରାଓ ପାତ୍ର, ପ୍ରତାପ ପଣ୍ଡା, ଧର୍ମେନ୍ଦ୍ର ମୁଣ୍ଡ, ଶ୍ୟାମଘନ ସାହୁ, ମଳୟ କୁମାର ପଣ୍ଡା, ରଚିତା ମେହେର, ସୁଜାତା ପଟ୍ଟନାୟକ ପ୍ରମୁଖ ସ୍ୱରଚିତ ଫଗୁଣ କବିତାବୃତ୍ତି କରିଥିଲେ। ଯୁବପ୍ରତିଭା ପ୍ରତାପ ଚନ୍ଦ୍ର ପଣ୍ଡା ବନ୍ଦେ ମାତରମ ଗାନ କରିଥିବାବେଳେ ସଂସଦ ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

# ଇନ୍ଦ୍ରାବତୀ ଜଳଭଣ୍ଡାରରେ ଓଲଟିଲା ଡଙ୍ଗା: ଜଣେ ନିଖୋଜ

ଥୁଆମୂଳ ରାମପୁର, ୨୮।୨ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍ ଅନ୍ତର୍ଗତ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଶନିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ମାଛ ଧରିବାକୁ ଯାଇଥିବା ବେଳେ ଭାରସାମ୍ୟ ହରାଇ ଏକ ଦେଶୀଡଙ୍ଗା ଓଲଟି ପଡ଼ିଛି। ଫଳରେ ଏଥିରେ ଥିବା ଜଣେ ବ୍ୟକ୍ତି ନିଖୋଜ ହୋଇଯାଇଥିବା ବେଳେ ଅନ୍ୟ ୨ଜଣ ପହଁରି କୂଳକୁ ଫେରିଛନ୍ତି। ନିଖୋଜ ବ୍ୟକ୍ତି ଜଣକ ହେଲେ ସ୍ଥାନୀୟ ବ୍ରାହ୍ମଣୀ ଚଞ୍ଚରା ଗ୍ରାମର ହର ବେହେରୁକ (୪୫)। ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ସାଢେ ୧୧ଟା ସମୟରେ ବ୍ରାହ୍ମଣୀଚଞ୍ଚରା ଗ୍ରାମର ହରଙ୍କ ସମେତ ରବି ପୂଝାରୀ (୪୫) ଓ ଚନ୍ଦ୍ର ବେହେରା (୩୨) ଏକ ଦେଶୀଡଙ୍ଗା ସାହାଯ୍ୟରେ ସିକାଡୁଜି ଗାଁ ନିକଟ ଜୁରଘାଟରୁ ମାଛ ଧରିବା ପାଇଁ ଜଳଭଣ୍ଡାର ଭିତରକୁ ଯାଇଥିଲେ। ତେବେ ଗଭୀର ଜଳରାଶି ମଧ୍ୟରେ ହଠାତ୍ ଡଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏହି ସମୟରେ ରବି ଓ ଚନ୍ଦ୍ର ଜୀବନ ବିକଳରେ ପହଁରି କୂଳକୁ ଆସିବାରେ ସକ୍ଷମ ହୋଇଥିବା ବେଳେ ହର ନିଖୋଜ ହୋଇଯାଇଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ଗ୍ରାମବାସୀ ତୁରନ୍ତ ଥୁଆମୂଳ ରାମପୁର ଥାନା ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଓ ଅଗ୍ନିଶମ ବିଭାଗର ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଖବର ଲେଖାହେବା ସୁଦ୍ଧା ନିଖୋଜ ହରଙ୍କ କୌଣସି ପତ୍ତା ମିଳିପାରି ନାହିଁ। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଆଧ୍ୟାତ୍ମିକ ଜ୍ଞାନ ଜୀବନରେ ସଫଳତା ପାଇଁ ସହାୟକ

ଭବାନୀପାଟଣା, ୨୮।୨ (ଉତ୍ତମ କୁମାର ଦାଶ)

ସ୍ୱାମୀ ଶ୍ରୀ ମୁକୁନ୍ଦାନନ୍ଦଜୀ ମହାରାଜଙ୍କ ଦୁଇଦିନିଆ ଲାଇଫ ଟ୍ରାନ୍ସଫର୍ମେଶନ କାର୍ଯ୍ୟକ୍ରମ ଭବାନୀପାଟଣା ଟାଉନ ହଲଠାରେ ଆୟୋଜିତ ହୋଇଯାଇଛି। ଶୁକ୍ରବାର ପ୍ରଥମ ସନ୍ଧ୍ୟାରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଓ ମତ୍ସ୍ୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠୀ ଅତିଥି ଭାବେ ଯୋଗଦେଇ ସ୍ୱାମିଜୀଙ୍କୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସ୍ୱାମିଜୀଙ୍କ ଲିଖିତ 'ଇସାବାଷ୍ୟ ଉପନିଷଦ' ଓ 'ନାରଦ ଭକ୍ତି ସୂତ୍ର' ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଆଧ୍ୟାତ୍ମିକ ଜ୍ଞାନ ଜୀବନରେ ସଫଳତା ପାଇଁ ଅତ୍ୟନ୍ତ ସହାୟକ ଯାହା ସ୍ୱାମିଜୀ ତାଙ୍କ ପ୍ରବଚନରେ ବୁଝାଇଥିଲେ। ସ୍ୱାମିଜୀ ଜଗଦଗୁରୁ ଶ୍ରୀ କୃପାଳୁଜୀ ମହାରାଜଙ୍କର ଜଣେ ପ୍ରଚାରକ ଅଟନ୍ତି। ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ଭବାନୀପାଟଣା ତହସିଲଦାର କ୍ଷିରୋଦ ନାଗ ଅତିଥି ଭାବେ ଯୋଗ ଦେଇଥିଲେ। ରାଧା ଗୋବିନ୍ଦ ଧାମ ଭବାନୀପାଟଣାର ସଭାପତି ଅଜୟ ମାଥୁର, ସମ୍ପାଦକ ଧର୍ମେନ୍ଦ୍ର ପ୍ରଧାନ, ଯୁଗ୍ମ ସଭାପତି କନ୍ଦର୍ପ ସାହୁ, କୋଷାଧ୍ୟକ୍ଷ କୁରୁକ୍ଷେତ୍ର ବାଗ, ସଦସ୍ୟ ଲିଙ୍ଗରାଜ ପ୍ରଧାନଙ୍କ ସମେତ ରାଧା ଗୋବିନ୍ଦ ଧାମର ସତସଙ୍ଗି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହାୟକ ହୋଇଥିଲେ।



ପ୍ରବଚନ ଦେଉଛନ୍ତି ସ୍ୱାମୀ ମୁକୁନ୍ଦାନନ୍ଦଜୀ।

# ଜୀବିତାଙ୍କୁ ମୃତ ଘୋଷଣା, ଭତ୍ତାରୁ ବଞ୍ଚିତ ବୃଦ୍ଧା

ଖଡ଼ିଆଳ, ୨୮।୨ (ସୁଜିତ କୁମାର ପ୍ରଧାନ)

ବୟସ ୮୦ ଛୁଇଁଲାଣି। ଚାଲିବାକୁ ଆଉ ଜୁ' ନାହିଁ। ଅନେକ ବର୍ଷ ହେବ ସରକାରଙ୍କ ପକ୍ଷରୁ ବାର୍ଦ୍ଧକ୍ୟଭତ୍ତା ମିଳୁଥିଲା। କିନ୍ତୁ ହଠାତ୍ ସରକାରୀ କାଗଜପତ୍ରରେ ତାଙ୍କୁ ମୃତ ଘୋଷଣା କରିଦିଆଗଲା। ଏହା ପରେ ତାଙ୍କ ବାର୍ଦ୍ଧକ୍ୟ ଭତ୍ତାକୁ ବି ବନ୍ଦ କରିଦିଆଗଲା। ଏବେ ସେ ଜୀବିତ ବୋଲି ବାରମ୍ବାର ଗୁହାରିକଲେ ମଧ୍ୟ କେହି ଶୁଣୁନାହାନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଜୁନାନି ଗାଁରେ ଦେଖିବାକୁ ମିଳିଛି। ଗ୍ରାମର ଚନ୍ଦ୍ରା ପଟେଲ (୮୦)ଙ୍କ ଅଭିଯୋଗ ଅନୁସାରେ, ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ୩୧ ମାର୍ଚ୍ଚ ୨୦୨୫ରେ ୧୦୦୦ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ଜମା ହୋଇଥିଲା। ଏହା ପରେ ଆକାଉଣ୍ଟରେ ଆଉ ଭତ୍ତା ଟଙ୍କା ଜମା ନ ହେବାରୁ ସେ ତତ୍କାଳୀନ ଖଡ଼ିଆଳ ବିଡିଓ ନରସିଂହ ଗଡବାଙ୍କ ନିକଟରେ ଅଭିଯୋଗ କରିଥିଲେ। ଖୋଳତାଡ଼ ବେଳେ ଜଣାପଡ଼ିଲା ଯେ ଚନ୍ଦ୍ରା ପଟେଲଙ୍କ ମୃତ୍ୟୁ ହୋଇଯାଇଥିବା ନେଇ ଏସିଓ ରିପୋର୍ଟ ଦେବା ପରେ ତାଙ୍କ ଭତ୍ତା କାଟି ଦିଆଯାଇଛି। ଚନ୍ଦ୍ରାଙ୍କୁ ଆଧାର କାର୍ଡ ଓ ବ୍ୟାଙ୍କ ଖାତା ଆଣିବାକୁ ବ୍ଲକ୍ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ସମସ୍ତ ଦସ୍ତାବିଜ ନେଇ ପହଞ୍ଚିବା ପରେ ଉକ୍ତ ମାସରୁ ହିଁ ସେ ଭତ୍ତା ପାଇଯିବେ ବୋଲି ତତ୍କାଳୀନ ବିଡିଓ ଗଡ଼ବା ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଭତ୍ତା ଟଙ୍କା ଆସିଲାନାହିଁ। ପରେ ସେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ଜିଲାପାଳ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ତଥାପି ଭତ୍ତା ଟଙ୍କା ମିଳିନାହିଁ। ଏବେ ସେ ଅଭାବ ଅନଟନରେ ଦିନ କାଟୁଛନ୍ତି। ଏହାର ତଦନ୍ତକରି ବନ୍ଦ ରହିଥିବା ୧୦ ମାସର ଭତ୍ତା ଦେବାକୁ ଚନ୍ଦ୍ରା ଗୁହାରି କରିଛନ୍ତି। ଏ ସମ୍ପର୍କରେ ବିଡିଓ ମିଳନ କୁମାର ଝାଙ୍କରଙ୍କୁ ପଚାରିବାରୁ ତଦନ୍ତ ପରେ ଚନ୍ଦ୍ରାଙ୍କୁ ଭତ୍ତା ପ୍ରଦାନ କରାଯିବ ବୋଲି କହିଛନ୍ତି।



ଚନ୍ଦ୍ରା ପଟେଲ।

# ନୂଆପଡ଼ାରେ କଲରାପତରିଆ ବାଘ ଆତଙ୍କ

ନୂଆପଡ଼ା, ୨୮।୨ (ମକାରୁ ବେମାଲ)

କିଛିଦିନର ବ୍ୟବଧାନ ପରେ ନୂଆପଡ଼ା ଜିଲାରେ ପୁଣି କଲରାପତରିଆ ବାଘ ଆତଙ୍କ ଦେଖା ଦେଇଛି। ବାଘ ବୁଲୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସୁନାବେଡା ଅଭୟାରଣ୍ୟ ଭିତରେ ବସବାସ କରୁଥିବା ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୯ଟା ସମୟରେ ସୋସେଙ୍ଗ ଗାଁର କମଳ ନାଥ ମାଝି(୩୦) କୌଣସି କାମରେ ଏକ କାର୍ ଯୋଗେ ନୂଆପଡା ଯାଉଥିଲେ। ସେହି ସମୟରେ ଏକନ ଗୋଡିଆ ଘାଟି ତଳକୁ ହଲୁଆପାଲି-କେରମେଲି ନୂଆପଡା ରାସ୍ତାରେ ଦୁଇଟି କଲରା ପତରିଆ ବାଘ ବୁଲୁଥିବା ଦେଖିବାକୁ ପାଇଥିଲେ। ସେ ଭୟଭୀତ ଅବସ୍ଥାରେ ଗାଡିକୁ ରାସ୍ତାରେ ଅଟକାଇ ମୋବାଇଲରେ ଭିଡିଓ ଶୁଟ୍ କରିଥିଲେ। ସେହି ସମୟରେ ଗୋଟିଏ ବାଘ ଜଙ୍ଗଲ ଭିତରକୁ ଚାଲିଯାଇଥିବା ବେଳେ ଅନ୍ୟ ଏକ ବାଘ ରାସ୍ତା କଡରେ ବସି ରହିଥିଲା। ପ୍ରାୟ ଅଧଘଣ୍ଟା ପରେ ବାଘ ରାସ୍ତାରୁ ଜଙ୍ଗଲକୁ ଚାଲିଯିବା ପରେ କମଳ ଗାଡି ଧରି ନୂଆପଡା ପଟେ ଯାଇଥିଲେ। ଆଖି ସାମ୍ନାରେ ବାଘ ଦେଖିଥିବା କମଳ ରାତିରେ ଘରକୁ ନ ଫେରି ସକାଳେ ଫେରିଥିଲେ। ମୋବାଇଲରେ କଏଦ ହୋଇଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସୁନାବେଡା ଅଭୟାରଣ୍ୟ ଭିତରେ ବସବାସ କରୁଥିବା ବନବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବର୍ତ୍ତମାନ ମହୁଲ ଫୁଲ ଗୋଟାଇବା ସମୟ। ମହୁଲ ଫୁଲ ଖାଇବା ପାଇଁ ଗାଈ, ବାଛୁରୀ, ଛେଳି, ମେଣ୍ଢା ଗଛ ତଳେ ଗୋଠ ହୋଇ ରହନ୍ତି। ବାଘକୁ ଶିକାର କରିବା ସହଜ ହୋଇଥାଏ। ସେଥିପାଇଁ ବାଘ ଜଙ୍ଗଲରୁ ପଦାକୁ ଆସୁଛି ବୋଲି ଅନୁମାନ କରାଯାଉଛି। ଖବର ପାଇ କୋମନା ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବାଘର ଗତିବିଧି ଉପରେ ନଜର ରଖିବା ସହ ପାହାଡ ତଳି ଗାଁଗୁଡିକୁ ଯାଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରୁଛନ୍ତି।



ଭାଇରାଲ ଭିଡ଼ିଓରେ ବାଘ ଦୃଶ୍ୟ।

# ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟା ସମ୍ପନ୍ନ

ନୂଆପଡ଼ା, ୨୮।୨ (ମକାରୁ ବେମାଲ)

ନୂଆପଡ଼ା ଜିଲାରେ ଦ୍ୱିତୀୟ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ପ୍ରେରଣାରେ ଚାଇଲ୍ଡଲାଇନ ଓ ଶିଶୁ କଲ୍ୟାଣ ସମିତି ନୂଆପଡା ମାଧ୍ୟମରେ ଏହି କାର୍ଯ୍ୟ ସମ୍ପାଦିତ ହୋଇଛି। ୨୦୨୫ ଅକ୍ଟୋବର ୨୯ରେ ଏକ ଶିଶୁ କନ୍ୟାକୁ ଚାଇଲ୍ଡଲାଇନ ମାଧ୍ୟମରେ ଶିଶୁ କଲ୍ୟାଣ ସମିତି ସମ୍ମୁଖରେ ଉପସ୍ଥିତ କରାଯାଇଥିଲା। ପରେ ଶିଶୁଟିକୁ ଉତ୍କଳ ବାଳାଶ୍ରମ ସ୍ୱତନ୍ତ୍ର ପୋଷ୍ୟ ସଂସ୍ଥା ନୂଆପଡାରେ ରଖାଯାଇଥିଲା। ଆଇନଗତ ପ୍ରକ୍ରିୟା ସମାପ୍ତ ପରେ ୨୦୨୬ ଜାନୁଆରୀ ୮ରେ ଶିଶୁଟିକୁ ପୋଷ୍ୟ ପାଇଁ ଆଇନସମ୍ମତ ଭାବେ ମୁକ୍ତ ଘୋଷଣା କରାଯାଇଥିଲା। ପରେ ତମିଲନାଡୁରୁ ଆଗ୍ରହୀ ଏକକ ମାତାଙ୍କ ଦ୍ୱାରା ଶିଶୁଟିକୁ ରିଜର୍ଭ କରାଯାଇଥିଲା। ଜାନୁଆରୀ ୨୯ରେ ପୋଷ୍ୟ କମିଟି ଦ୍ୱାରା ଦଲିଲପତ୍ର ଯାଞ୍ଚ ହୋଇଥିବାବେଳେ ଫେବୃଆରୀ ୨୭ରେ ଶିଶୁଟିକୁ ଏକକ ମାତାଙ୍କୁ ହସ୍ତାନ୍ତର କରାଯାଇଥିଲା। ଜିଲାପାଳଙ୍କ ଦ୍ୱାରା ଅନୁମୋଦିତ ପୋଷ୍ୟ ଆଦେଶ ଜାରି ହୋଇଥିଲା। ନୂଆପଡ଼ା ମୁଖ୍ୟାଳୟରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ ଶିଶୁଟିକୁ ପୋଷ୍ୟ ପ୍ରମାଣପତ୍ର ସହ ଔପଚାରିକ ଭାବରେ ପୋଷ୍ୟ ଗ୍ରହୀତା ମାତାଙ୍କୁ ହସ୍ତାନ୍ତର କରିଥିଲେ। ଜିଲା ପ୍ରଶାସନ ଏହି ସଫଳ ପୋଷ୍ୟ ପ୍ରକ୍ରିୟା ପାଇଁ ସମ୍ପୃକ୍ତ ସମସ୍ତ ବିଭାଗ ଓ ସଂସ୍ଥାକୁ ଅଭିନନ୍ଦନ ଜଣାଇଥିବା ସହ ଶିଶୁଟିର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ଅବସରରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚିନ୍ମୟ ସାଗର, ଶିଶୁ କଲ୍ୟାଣ ସମିତି ଅଧକ୍ଷ ଡ. ଫଣିନ୍ଦମ ଦେଓ ଏବଂ ଉତ୍କଳ ବାଳାଶ୍ରମ ସ୍ୱତନ୍ତ୍ର ପୋଷ୍ୟ ସଂସ୍ଥାର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଅବକାରୀ ଚଢ଼ାଉ: ୨୦୦ ଲିଟର ଦେଶୀମଦ ଜବତ

ଜୟପାଟଣା, ୨୮।୨ (ଓମ୍‌ପ୍ରକାଶ ବୈଠାରୁ)

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ବଡକର୍ଲାକୋଟ ପଞ୍ଚାୟତ ଡୁମରିଖୋଲ ଜଙ୍ଗଲରେ ଦେଶୀ ମଦ ପ୍ରସ୍ତୁତ ହେଉଥିବା ଖବର ପାଇ ଶନିବାର ଅବକାରୀ ବିଭାଗ ଚଢାଉ କରିଥିଲା। ଏହି ସମୟରେ ସେଠାରୁ ୭୦୦୦ କେଜି ମହୁଲପୋଚ ସହ ୨୦୦ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ହେଲେ କେହି ଗିରଫ ହୋଇ ନ ଥିବା ଜଣାପଡ଼ିଛି। ଧର୍ମଗଡ଼ ଅବକାରୀ ରେଞ୍ଜ ଇନ୍ସପେକ୍ଟର ଅରୁଣ କୁମାର ଯୋଶୀଙ୍କ ତତ୍ତ୍ୱାବଧାନରେ ଜୟପାଟଣା ଅବକାରୀ ଅଧିକାରୀ ସୁରେଶ ଚନ୍ଦ୍ର ଭୋଇ, ଧର୍ମଗଡ଼ ଅବକାରୀ ଅଧିକାରୀ ପ୍ରତିମା ବେହେରା, କୋକସରା ଅବକାରୀ ଅଧିକାରୀ ଗୁପ୍ତେଶ୍ୱର ପଟେଲ ପ୍ରମୁଖ ଏହି ଚଢ଼ାଉରେ ସାମିଲ ଥିଲେ।



ଜବତ ମହୁଲ ପୋଚ ଓ ଦେଶୀ ମଦ।

# ଯୁକ୍ତ ୩ ଷଷ୍ଠ ସେମିଷ୍ଟର ପରୀକ୍ଷା ଘୁଞ୍ଚାଇବା ପାଇଁ ଦାବିପତ୍ର

ଭବାନୀପାଟଣା, ୨୮।୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଅଧୀନରେ ଯୁକ୍ତ ୩ ଷଷ୍ଠ ସେମିଷ୍ଟର ପରୀକ୍ଷା ଘୁଞ୍ଚାଇବା ପାଇଁ ଜିଲା ଛାତ୍ର ବିଜେଡି ସଭାପତି ଅଜିତ କୁମାର ସାହୁ କୁଳପତିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଡିସେମ୍ବର ୬ରୁ ୧୫ ତାରିଖ ପର୍ଯ୍ୟନ୍ତ ପଞ୍ଚମ ସେମିଷ୍ଟର ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ମାତ୍ର ତିନି ମାସର ବ୍ୟବଧାନରେ ଷଷ୍ଠ ସେମିଷ୍ଟର ପରୀକ୍ଷା ୨୮ ମାର୍ଚ୍ଚରୁ ଆରମ୍ଭ ହେବାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏପର୍ଯ୍ୟନ୍ତ ଅନେକ ବିଭାଗର ପାଠ୍ୟକ୍ରମ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଛାତ୍ରୀଛାତ୍ର ଚିନ୍ତା ପ୍ରକାଶ କରିଛନ୍ତି। ଏହାକୁ ନେଇ ଛାତ୍ରୀଛାତ୍ର ଜିଲା ଛାତ୍ର ବିଜେଡି ସଭାପତିଙ୍କୁ ଅବଗତ କରିଥିଲେ।

# ବିକାଶ ଡିଗ୍ରୀ କଲେଜରେ ଭି ଫେଷ୍ଟ ଉଦ୍‌ଯାପିତ

ଭବାନୀପାଟଣା, ୨୮।୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିକାଶ ଡିଗ୍ରୀ ମହାବିଦ୍ୟାଳୟରେ ଗୁରୁବାରଠାରୁ ଚାଲିଥିବା ଭି ଫେଷ୍ଟ ୪.୦ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଲିବଲ, ବ୍ୟାଡ୍‌ମିଣ୍ଟନ, ଖୋ-ଖୋ, ଟଗ ଅଫ ୱାର୍, ବିଜିଏମ୍‌ଆଇ, ଫ୍ରି ଫାୟାର୍, ଥ୍ରୋ ବଲ ଓ କବାଡ଼ି ଭଳି ବିଭିନ୍ନ କ୍ରୀଡା ଓ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ କୁମାର ମନ୍ଥନ ସାହୁ ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକା ପରିଚାଳନା କରିଥିଲେ। ଉଦ୍‌ଯାପନୀ ସଭାରେ ଭବାନୀପାଟଣା ଲକ୍ଷ୍ମୀ ବିକାଶର ନିର୍ଦ୍ଦେଶକ ଡି ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି. ରାମ କୁମାର, ଶିକ୍ଷା ପ୍ରଭାରୀ ଡି. ବିଜୟା, ପ୍ରଶାସନ ସଦସ୍ୟା ଡି. ପଦ୍ମିନୀ ପ୍ରମୁଖ ଉପସ୍ଥିତ ରହି ବିଜେତାଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ଭଲିବଲ ଖେଳର ଏକ ଦୃଶ୍ୟ।

# କ୍ୟାବିନ ପୋଡ଼ିଦେଲେ, ଠେଲା ଭାଙ୍ଗିଦେଲେ

ରିଷିଡ଼ା, ୨୮।୨ (ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରିଷିଡ଼ା ତେରେସିଂହା (ଫଟାମୁଣ୍ଡା) ଛକରେ କାଠରେ ତିଆରି ଏକ କ୍ୟାବିନକୁ କେହି ଦୁର୍ବୃତ୍ତ ପୋଡ଼ିଦେଇଥିବା ଅଭିଯୋଗ ହୋଇଛି। ଫଟାମୁଣ୍ଡାର ଟଙ୍କଧର ରଣା ଏହି କ୍ୟାବିନରେ ତେଜରାତି ସାମଗ୍ରୀ ବିକ୍ରି କରୁଥିଲେ। କ୍ୟାବିନ ପୋଡ଼ିଯିବାରୁ ଭିତରେ ଥିବା ପ୍ରାୟ ୬୦ ହଜାର ଟଙ୍କାର ବିଭିନ୍ନ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଅନୁରୂପ ଭାବେ ଏହି ଛକରେ ଥିବା ରିଷିଡ଼ାର ଲମ୍ବୋଦର ରଣାଙ୍କ ଠେଲା ଓ କ୍ୟାବିନକୁ ଗତ ରାତିରେ କେହି ଦୁର୍ବୃତ୍ତ ଓଲଟାଇ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି।



# ଶିକ୍ଷକ ହେଉଛନ୍ତି ବିଦ୍ୟାଳୟ ରୂପକ ମନ୍ଦିରର ପୂଜାରୀ

ନୂଆପଡ଼ା, ୨୮।୨ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଟଗଡ ପଞ୍ଚାୟତ ଭରୁଆମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରଜୁ ନିଆଲ ଶନିବାର ଅବସର ଗ୍ରହଣ କରିଛନ୍ତି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବାଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କୋମନା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନୀତା ପଣ୍ଡା ମୁଖ୍ୟ ଅତିଥି, ବରିଷ୍ଠ ଆଇନଜୀବୀ ପ୍ରସନ୍ନ କୁମାର ପାଢୀ, ଆଶିଷ ପାଢୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧାକାନ୍ତ ତାଣ୍ଡି, ତରବୋଡ ଫାଣ୍ଡି ଅଧିକାରୀ ବିନୋଦ ବିହାରୀ ସେଠୀ, ଅବନୀ ରଞ୍ଜନ ପାଢୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୁବେର ମାଝି, ସିଆର୍‌ସିସି ପରଶ ରାମ ଅହିର ଓ କେନ୍ଦରାମ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ନିଆଲଙ୍କୁ ଉପଢୌକନ ସହ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକମାନେ ହେଉଛନ୍ତି ବିଦ୍ୟାଳୟ ରୂପକ ମନ୍ଦିରର ପୂଜାରୀ। ଶିକ୍ଷାଦାନ ରୂପକ ମନ୍ତ୍ରରେ ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନରେ ତାଙ୍କର ମୁଖ୍ୟ ଭୂମିକା ଥାଏ ବୋଲି ଅତିଥିମାନେ ମତ ଦେଇଥିଲେ। ୧୯୯୧ ମସିହାରେ ଶିକ୍ଷକ ଭାବେ ଚାକିରି ଜୀବନ ଆରମ୍ଭ କରିଥିବା ନିଆଲ ୨୦୨୬ ଫେବୃଆରୀ ୨୮ରେ ଭରୁଆମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅବସର ନେଇଛନ୍ତି। ସଭାରେ ଛାତ୍ରୀଛାତ୍ର ଓ ଗ୍ରାମବାସୀ ଉପସ୍ଥିତ ରହି ସମ୍ବର୍ଦ୍ଧନା ଜଣାଇବା ସମୟରେ ଭାବବିହ୍ୱଳ ହୋଇପଡିଥିଲେ। ଶିକ୍ଷୟିତ୍ରୀ ଶୁଭଶ୍ରୀ ଜାନି, ସୁଧାଂଶୁ ଭୋଇ, ଗୁଣବନ୍ତ ଗଡତିଆ, ଶୋଭାରାମ ମାଝି, ମୋହନ ମାଝି ପ୍ରମୁଖ ସହଯୋଗ କରିଥିଲେ। ସିଆର୍‌ସିସି ଭୋଜରାମ ଅହିର ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ସଇବ ହଂସ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ ଅବସର ଗ୍ରହଣ କରିଥିବା ଶିକ୍ଷକ।

**ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା**

ବୀରମହାରାଜପୁର,(ଯୁଗଳ କିଶୋର ମିଶ୍ର): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଦୋଳଯାତ୍ରା ପାଇଁ ୨୪ ପ୍ରହର ନାମଯଜ୍ଞ ପାଇଁ ଶନିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଟା ଐତିହାସିକ ରଜାବନ୍ଧରେ ରୀତିନୀତି ଅନୁସାରେ ଗଙ୍ଗା ମାତାଙ୍କୁ ବରଣ କରାଯାଇଥିଲା। କର୍ତ୍ତା ଭାବେ ବସନ୍ତ ମହାକୁଡ଼ ଓ ତାଙ୍କ ଧର୍ମପତ୍ନୀ ପୁଷ୍ପା ମହାକୁଡ଼ କାର୍ଯ୍ୟ ତୁଲାଉଛନ୍ତି। କଳସ ଶୋଭାଯାତ୍ରାରେ କମିଟିର କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ପଣ୍ଡା, ସମ୍ପାଦକ ଦୈତାରୀ ମହାକୁଡ଼, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର, ଉପସଭାପତି ମନରଞ୍ଜନ ତରିଆ ସାମିଲ ହୋଇଥିଲେ। ରବିବାର ସକାଳ ୮ଟାରୁ ୨୪ପ୍ରହର ନାମଯଜ୍ଞ ଆରମ୍ଭ ହେବ।



# ଓସିଏ ଅମ୍ପାୟାର ପରୀକ୍ଷା ପ୍ରଥମ ସ୍ଥାନ ହାସଲ କଲେ ହୋନୁ ଅଗ୍ରୱାଲ

ପଦ୍ମପୁର,୨୮।୨(ପ୍ରଦୀପ୍ତ ଦାଶ)



କ୍ରିକେଟ ଅମ୍ପାୟର ପରୀକ୍ଷାରେ ରାଜ୍ୟସ୍ତରରେ ଶୀର୍ଷରେ ରହି କୁଚିପାଲି ଗାଁ ତଥା ସମଗ୍ର ଜିଲା ପାଇଁ ଗୌରବ ଆଣିଛନ୍ତି ହୋନୁ ଅଗ୍ରୱାଲ। ବରଗଡ଼ ଜିଲା କୁଚିପାଲି ଗ୍ରାମର ଜିତେନ୍ଦ୍ର ଅଗ୍ରୱାଲ ଓ ସନ୍ତୋଷୀ ଅଗ୍ରୱାଲଙ୍କ ସୁପୁତ୍ର ହୋନୁ ଅଗ୍ରୱାଲ(୨୨) ଓଡ଼ିଶା କ୍ରିକେଟ ଜଗତରେ ଏକ ବଡ଼ ସଫଳତା ହାସଲ କରିଛନ୍ତି। ନିକଟରେ ଅନୁଷ୍ଠିତ ଓଡ଼ିଶା କ୍ରିକେଟ ଆସୋସିଏଶନ ଅମ୍ପାୟର ପରୀକ୍ଷାରେ ସେ ନିଜର ଦକ୍ଷତା ପ୍ରତିପାଦନ କରି ସମଗ୍ର ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଜଣେ ମେଧାବୀ ଛାତ୍ର ତଥା ନିଷ୍ଠାପର କ୍ରୀଡ଼ାପ୍ରେମୀ ଭାବେ ପରିଚିତ ହୋନୁ କୁଚିପାଲି ପଞ୍ଚାୟତ ହାଇସ୍କୁଲରୁ ମାଟ୍ରିକ ଏବଂ ପଦ୍ମପୁର ଜୟଦେବ ଇନ୍‌ଷ୍ଟିଚ୍ୟୁଟରୁ ସ୍ନାତକ ଡିଗ୍ରୀ ହାସଲ ପରେ ବର୍ତ୍ତମାନ ବିଏଡ୍ ପାଠ୍ୟକ୍ରମରେ ଅଧ୍ୟୟନରତ। ଏହି ସଫଳତା ପାଇଁ ସେ ନିଜ ପିତାମାତାଙ୍କ ଆଶୀର୍ବାଦ, ବରିଷ୍ଠ ଓସିଏ ଅମ୍ପାୟର ନାରାୟଣ ମେହେର, ସଚ୍ଚିଦାନନ୍ଦ ପଣ୍ଡା ଓ ଅକ୍ଷୟ ସାହାଣୀଙ୍କ ମାର୍ଗଦର୍ଶନ ଏବଂ କ୍ରିକେଟ ପରିବାରର ସମସ୍ତ ସଦସ୍ୟଙ୍କ ସମର୍ଥନ ପାଇଁ ସମ୍ଭବ ହୋଇପାରିଛି ବୋଲି କହିଛନ୍ତି।

# ଆନ୍ତଃ ରାଜ୍ୟ ଗଞ୍ଜେଇ ଚାଲାଣ, ୨ ଗିରଫ




ଗଞ୍ଜେଇ ଚାଲାଣରେ ବ୍ୟବହୃତ ଜବତ ୨କାର୍ ।



ଜବତ ଗଞ୍ଜେଇ ସହିତ ଗିରଫ ୨ଅଭିଯୁକ୍ତ

ବରଗଡ଼,୨୮।୨(ପ୍ରେମାନନ୍ଦ ଖମାରୀ)

- ଝାଡ଼ଖଣ୍ଡ ରାଜ୍ୟକୁ ହେଉଥିଲା ଚାଲାଣ
- ୧ କୁଇଣ୍ଟାଲ ୭୬କି.ଗ୍ରା ଗଞ୍ଜେଇ ଜବତ

ବରଗଡ଼ ଜିଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ହୁଗୁଳା ହେବା ନେଇ ବିଭିନ୍ନ ମହଲରେ ଅଭିଯୋଗ ହେବା ପରେ ପୋଲିସ ଏବେ ଆକ୍ସନ ମୋଡ୍‌ରେ ରହିଛି। ଜିଲାରେ ପୋଲିସ ପାଟ୍ରୋଲିଂକୁ ପୂର୍ବାପେକ୍ଷା ଅଧିକ କଡ଼ାକଡ଼ି କରିଥିବାବେଳେ ସାଇବର ଠକ, ହତ୍ୟା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ସହିତ ନିଶା କାରବାର ରୋକିବା ଦିଗରେ ତତ୍ପର ହୋଇଛି। ଶୁକ୍ରବାର ରାତିରେ ସ୍ଥାନୀୟ ଗ୍ରାମାଞ୍ଚଳ ଥାନା ପୋଲିସ ପାଟ୍ରୋଲିଂ କରି ଗାଡ଼ି ମୋଟର ଯାଞ୍ଚ କରୁଥିବାବେଳେ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ଧରାପଡ଼ିଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ବରଗଡ଼ ଗ୍ରାମାଞ୍ଚଳ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ, ଝାଡଖଣ୍ଡ ରାଜ୍ୟ ହଜାରୀବାଗ ଜିଲା ବର୍ହି ଥାନା ସାଧନାପୁରୀ ଗ୍ରାମର ଉଭୟଜିତ୍ କୁମାର ବର୍ନୱାଲ(୩୨) ଏବଂ ଧାନବାଦ ଜିଲା କଟ୍ରାସ୍ ଜିଲା ଭଗତ ସିଂ ଛକର ରଶ୍ମିକାନ୍ତ ସହାୟ(୩୧)। ଗିରଫ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବରଗଡ଼ ଜିଲା କାରାଗାରକୁ ପଠାଇ ଦିଆଯାଇଛି। ସେମାନଙ୍କ ପାଖରୁ ୧.୭୬କୁଇଣ୍ଟାଲ ଗଞ୍ଜେଇ, ୨ ବ୍ୟବହୃତ କାର୍(ନଂ-ଜେଏଚ୍୦୨ବିଜି ୬୦୯୩, ଜେଏଚ୍୧୦ସିୱାଇ ୬୬୪୯), ୪ ମୋବାଇଲ୍, ଆଧାର କାର୍ଡ, ମନିପର୍ସ, ଏଟିଏମ୍, ପାନକାର୍ଡ, ଡ୍ରାଇଭିଂ ଲାଇସେନ୍ସ ଆଦି ଜବତ ହୋଇଛି। ଏ ନେଇ ବରଗଡ଼ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା(ନଂ-୪୩/୨୬) ରୁଜୁ ହୋଇଛି।

ଶନିବାର ବରଗଡ଼ ଗ୍ରାମାଞ୍ଚଳ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଶିବ ପ୍ରସାଦ ବିଶ୍ୱାଳ କହିଥିଲେ, ବରଗଡ଼ ଏସ୍‌ପି ପ୍ରହ୍ଲାଦ ସହାୟ ମୀନାଙ୍କ ନିର୍ଦ୍ଦେଶକ୍ରମେ ଜିଲାରେ ନିଶା କାରବାର ଧରପଗଡ଼କୁ ଜୋର୍‌ଦାର କରାଯାଇଛି। ଶନିବାର ରାତିରେ ବଲାଙ୍ଗୀର ପଟୁ ଝାଡଖଣ୍ଡ ଅଭିମୁଖେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ସୂଚନାକ୍ରମେ ଏସ୍‌ପି ମୀନାଙ୍କ ନିର୍ଦ୍ଦେଶରେ ପୋଲିସ ରାସ୍ତାରେ ଗାଡ଼ି ମୋଟର ଯାଞ୍ଚ କରିଥିଲା। ଗ୍ରାମାଞ୍ଚଳ ଥାନା ଅଧୀନ କୁର୍ଲା ଛକରେ ଯାଞ୍ଚବେଳେ ଗଞ୍ଜେଇ ଚାଲାଣ ହେଉଥିବା ଉପରୋକ୍ତ ୨କାର୍ ସହିତ ଅଭିଯୁକ୍ତମାନେ ପୋଲିସ ହାତରେ ଧରାପଡ଼ିଥିଲେ। ଆଗକୁ ମଧ୍ୟ ନିଶା କାରବାର ରୋକିବାକୁ ଏଭଳି ଅଭିଯାନ ଜାରି ରହିବ ବୋଲି ଅତିରିକ୍ତ ଏସ୍‌ପି ବିଶ୍ୱାଳ କହିଥିଲେ। ଖବରଦାତା ସମ୍ମିଳନୀରେ ଗ୍ରାମାଞ୍ଚଳ ଥାନା ଅଧିକାରୀ ସୁଶାନ୍ତ ଦାଶ ମଧ୍ୟ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ଜାତୀୟ ବିଜ୍ଞାନ ଦିବସ

ପଦ୍ମପୁର, ୨୮।୨(ପ୍ରଦୀପ୍ତ ଦାଶ)

ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ, ପଦ୍ମପୁରର ବିଜ୍ଞାନ ସମିତି ପକ୍ଷରୁ ଶନିବାର ଆଡମ୍ବର ସହକାରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଚଳିତ ବର୍ଷର ମୁଖ୍ୟ ବିଷୟବସ୍ତୁ 'ବିଜ୍ଞାନ କ୍ଷେତ୍ରରେ ମହିଳା: ବିକଶିତ ଭାରତର ଅନୁପ୍ରେରକ'କୁ ନେଇ ଆୟୋଜିତ ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ମୋନାଲିସା ସ୍ୱାଇଁ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ବିଜ୍ଞାନ ସମିତିର ଉପସଭାପତି ପ୍ରାଧ୍ୟାପିକା ତାପିନୀ ପଣ୍ଡା ମୁଖ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଆମେରିକାରେ କାର୍ଯ୍ୟରତ ବିଶିଷ୍ଟ ବୈଜ୍ଞାନିକ ତଥା ମହାବିଦ୍ୟାଳୟର ପୂର୍ବତନ ଛାତ୍ର ଡ. କାର୍ତ୍ତିକ ପ୍ରଧାନ ଯୋଗଦେଇ ବିକଶିତ ଭାରତ ଗଠନରେ ମହିଳାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ।

ସେହିପରି ସତ୍ୟସେବା ବିଦ୍ୟାଳୟ କନସିଂହାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ବେହେରାଙ୍କ ସଭାପତିତ୍ୱରେ ସତ୍ୟସେବା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଚନ୍ଦନା ଚନ୍ଦ୍ରପ୍ରଭା ପ୍ରଧାନ ସମସ୍ତଙ୍କୁ ସ୍ୱାଗତକରି ଏହି ଦିବସର ତାତ୍ପର୍ଯ୍ୟ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ।

**ଗାଇସିଲେଟ,(ଦୁର୍ଗାପ୍ରସାଦ ତ୍ରିବେଦୀ)** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗାଇସିଲେଟରେ ଜାତୀୟ ବିଜ୍ଞାନ ଦିବସ ଅବସରରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅନନ୍ତ ରାମ ପଣ୍ଡା ଯୋଗଦେଇ ବିଜ୍ଞାନର ଆବଶ୍ୟକତା ଓ ଦୈନନ୍ଦିନ ଜୀବନରେ ଏହାର ପ୍ରୟୋଗ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ବିଜ୍ଞାନ ପ୍ରମୁଖ ଅରକ୍ଷିତ ସାହୁ ବିଜ୍ଞାନ ପ୍ରଦର୍ଶନୀ ସମ୍ପର୍କରେ ତଥ୍ୟ ଦେଇଥିଲେ ଏବଂ ଛାତ୍ରୀଛାତ୍ରମାନଙ୍କ ପ୍ରୟୋଗମୂଳକ ପ୍ରଦର୍ଶନକୁ ସ୍ତୁତି କରିଥିଲେ। ବିଜ୍ଞାନ ଶିକ୍ଷକ ସୌମ୍ୟଜିତ୍ ମିଶ୍ର ଛାତ୍ରୀଛାତ୍ରଙ୍କୁ ନୂତନ ଆବିଷ୍କାର ଓ ଗବେଷଣା ପ୍ରତି ଆକୃଷ୍ଟ କରିବାକୁ ପ୍ରେରଣା ଦେଇଥିଲେ। ରଞ୍ଜନ ପଧାନ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ।



ପଦ୍ମପୁରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅଧ୍ୟକ୍ଷ ଅଧ୍ୟାପକ/ଅଧ୍ୟାପିକା ।

# ଟିଳେଇଝରକୁ ହରାଇ ସେମି ଫାଇନାଲରେ ଭୂତମୁଣ୍ଡା



ଅତିଥିଙ୍କ ଗହଣରେ ଖେଳାଳିମାନେ।

ପାଇକମାଳ,୨୮।୨(ବଡ଼ ଶତପଥୀ)

ପାଇକମାଳ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଭୂତମୁଣ୍ଡାରେ ଚାଲିଥିବା ୬ଷ୍ଠ ଭୂତମୁଣ୍ଡା ଜୟ ବୁଢ଼ାରଜା କ୍ରିକେଟ କପ୍‌ରେ ଟିଳେଇଝରକୁ ହରାଇ ଭୂତମୁଣ୍ଡା ସେମି ଫାଇନାଲକୁ ପହଞ୍ଚିଛି। ଶଶିଭୂଷଣ ପଟେଲ ଓ କାଳିଆ ସେଠ ଖେଳ ପରିଚାଳନା କରିଥିଲେ। ମାଟୁ ପଟେଲ ସ୍କୋରର ଥିବା ବେଳେ ଭରତ ଧରୁଆ ଧାରାବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବରେ ସାମାଜିକ କର୍ମୀ ତଥା ପାଇକମାଳ ବ୍ଲକ କଂଗ୍ରେସ ସଭାପତି ମହେନ୍ଦ୍ର ଖୁଣ୍ଟିଆ ଓ ସମ୍ମାନିତ ଅତିଥି ଭାବେ ଭୁପେନ୍ଦ୍ର ସାହୁ, ଦୁଷ୍ମନ୍ତ କୁମାର ସାହୁ, ଅନିଲ ଦାସ ଉପସ୍ଥିତ ଥିଲେ। ଏଥିରେ ନୂତନ ନାଗ, ଚକ୍ରଧର ପ୍ରଧାନ, ଅମୀୟ ପ୍ରଧାନ, ସୌମ୍ୟରଞ୍ଜନ ମହାନ୍ତି, ପ୍ରେମସାଗର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ରବିବାର ସେମିଫାଇନାଲ ଓ ଫାଇନାଲ ମ୍ୟାଚ ଖେଳାଯିବ ବୋଲି କମିଟି ସଭାପତି ଯଦୁମଣି ମାଝୀ ସୂଚନା ଦେଇଛନ୍ତି।

# ମନ୍ଦିର ସମ୍ପ୍ରସାରଣ ପାଇଁ ଜମି ଦାନ

ଅତାବିରା, ୨୮।୨(ଯୁଧିଷ୍ଠିର ମହାପାତ୍ର)

ଗମ୍ଭାରୀପାଲି ଆଞ୍ଚଳିକ ଶ୍ରୀ ଶ୍ରୀ ଉମା ମାହେଶ୍ୱରୀ ମନ୍ଦିରଠାରେ ଗମ୍ଭାରୀପାଲି ଓ ଚାରପାଲି କେନ୍ଦ୍ରର ଡୁମାଲ ଜାତିଭାଇମାନଙ୍କୁ ନେଇ ଏକ ଆଞ୍ଚଳିକସ୍ତରୀୟ ସାଙ୍ଗଠନିକ ବୈଠକ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ମାଁ ମାହେଶ୍ୱରୀ ମନ୍ଦିରର ସମ୍ପ୍ରସାରଣ ପାଇଁ ଆବଶ୍ୟକ ହେଉଥିବା ଜମି ସନ୍ତୋଷ ମହାକୁର ଜମିଦାନ କରିଛନ୍ତି। ପୂଜକ ସନ୍ତୋଷ ମହାକୁର ମାଁ ମାହେଶ୍ୱରୀଙ୍କର ପୂଜା କରିଥିଲେ। ମାଁ ମାହେଶ୍ୱରୀ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ସୁଶୀଲ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଡୁମାଲ ପରିଷଦ ଓଡ଼ିଶାର ରାଜ୍ୟ ସଭାପତି ଦୟାସାଗର ମେଣ୍ଡଲୀ ମୁଖ୍ୟ ଅତିଥି ଓ ବରଗଡ଼ ଜିଲା ସଭାପତି ଗଣେଶ ପ୍ରଧାନ, ସମ୍ବଲପୁର ଜିଲା ଉପସଭାପତି କପିଳେନ୍ଦ୍ର ମହାକୁର, ଚାରପାଲି କେନ୍ଦ୍ର ଉପସଭାପତି ଦିଲୀପ ପ୍ରଧାନ ଓ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଛନ୍ଦ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ଅସମୟରେ ମୃତ୍ୟୁବରଣ କରିଥିବା ଗମ୍ଭାରୀପାଲି କେନ୍ଦ୍ର ସଭାପତି ସ୍ୱର୍ଗତ ପ୍ରେମରାଜ କମ୍ପ ଓ କରଡୋଳା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ସ୍ୱର୍ଗତ ମୁରଲୀଧର ଛୁରିଆଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସର୍ବସମ୍ମତିକ୍ରମେ ଗମ୍ଭାରୀପାଲି କେନ୍ଦ୍ର ସଭାପତି ରୂପେ ସୁଶୀଲ ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। ରବୀନ୍ଦ୍ର ମହାକୁର, ବିରାଟ ମେଣ୍ଡଲୀ, ଦୁର୍ଗେଶ ଛୁରିଆ, ଟିକେଶ୍ୱର କମ୍ପ ଓ ମିଳନ ପ୍ରଧାନଙ୍କୁ ନୂତନ ଭାବେ ଗମ୍ଭାରୀପାଲି କେନ୍ଦ୍ରର କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। ଆଗାମୀ ମାର୍ଚ୍ଚ ମାସ ୧୫ ଓ ୧୬ ତାରିଖରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ଡୁମାଲ ମହାସଭା ପାଇଁ ରାଜ୍ୟ ସ୍ତରୀୟ ଡୁମାଲ ମହାସଭା କମିଟି ତରଫରୁ ଗମ୍ଭାରୀପାଲି ଆଞ୍ଚଳିକ ଉମା ମାହେଶ୍ୱରୀଙ୍କଠାରେ ପୂଜାର୍ଚ୍ଚନା କରାଯାଇ ନିମନ୍ତ୍ରଣ କରାଯିବା ସହ ବୈଠକରେ ଉପସ୍ଥିତ ସମସ୍ତ ଗ୍ରାମର ଡୁମାଲ ଜାତିଭାଇମାନଙ୍କୁ ମଧ୍ୟ ଏହି ମହାସଭାରେ ଯୋଗଦାନ କରିବା ପାଇଁ ନିମନ୍ତ୍ରଣ କରିଥିଲେ। ମାଁ ମାହେଶ୍ୱରୀ ମନ୍ଦିରର ସମ୍ପ୍ରସାରଣ ପାଇଁ ଆବଶ୍ୟକ ହେଉଥିବା ଜମି ସନ୍ତୋଷ ମହାକୁର ଜମିଦାନ ପାଇଁ ସମସ୍ତ ଜାତିଭାଇମାନଙ୍କ ଉପସ୍ଥିତିରେ ସହମତି ପ୍ରକାଶ କରିଥିବାରୁ ମନ୍ଦିର କମିଟି ଓ ଉଭୟ କେନ୍ଦ୍ର ତରଫରୁ ଧନ୍ୟବାଦ ଦେବା ସହ ସମ୍ବର୍ଦ୍ଧିତ କରିଥିଲେ । ସଭାଶେଷରେ ମନ୍ଦିର ପରିଚାଳନା କମିଟିର କୋଷାଧ୍ୟକ୍ଷ ଜୟନ୍ତ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।



ଆଞ୍ଚଳିକସ୍ତରୀୟ ସାଙ୍ଗଠନିକ ବୈଠକ।

# ଜିଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ

ବୌଦ୍ଧ, ୨୮।୨(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ସ୍ଥାନୀୟ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ମୁଖ୍ୟ ଅତିଥିଭାବରେ ଯୋଗଦେଇ ଜୀବନରେ ବିଜ୍ଞାନର ଆବଶ୍ୟକତା ବର୍ଣ୍ଣନା କରିବା ସହିତ ବିଜ୍ଞାନର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ଜିଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଅବସରରେ ରାଜ୍ୟସ୍ତର ବିଜ୍ଞାନମେଳାରେ ମନୋନୀତ ହୋଇ ବିଆଇଟିଏମ କଲିକତାଠାରେ ଅନୁଷ୍ଠିତ ହୋଇଥିବା ଜୋନାଲ ବିଜ୍ଞାନମେଳାରେ ଅଂଶଗ୍ରହଣ କରିଥିବା ସଂଗ୍ରାମପୁର ଉଚ୍ଚ ବିଦ୍ୟାଳୟର ଛାତ୍ର ଦୀପକ କୁମାର ପ୍ରଧାନ ଓ ମାର୍ଗଦର୍ଶକ ଶିକ୍ଷକ ସରୋଜ କୁମାର ପ୍ରଧାନଙ୍କୁ ଜିଲା ଶିକ୍ଷା ବିଭାଗ ତରଫରୁ ଟ୍ରଫି ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଶିକ୍ଷକ ସନ୍ତୋଷ କୁମାର କର୍ଣ୍ଣ ଅତିଥି ପରିଚୟ ସହିତ ମଞ୍ଚ ପରିଚାଳନା କରିଥିଲେ।




ବୌଦ୍ଧରେ ଜାତୀୟ ବିଜ୍ଞାନ ଦିବସରେ ଅତିଥି, ଛାତ୍ରୀଛାତ୍ର।

# ହୋଲି ପାଳନ ନେଇ ସଚେତନତା ବୈଠକ

ପଦ୍ମପୁର.୨୮।୨(ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡର ଜଗଦଳପୁର ଥାନା ପରିସରରେ ଆସନ୍ତା ଦୋଳପୂର୍ଣ୍ଣିମା ଓ ରଙ୍ଗର ପର୍ବ ହୋଲିରେ ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନାର ଭାରପ୍ରାପ୍ତ ଅଧିକାରୀ ନରେନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଜଗଦଳପୁର ଥାନା ଅଧୀନ ସମସ୍ତ ଗ୍ରାମର ଗ୍ରାମ୍ୟ କମିଟି ତଥା ବରିଷ୍ଠ ନାଗରିକମାନଙ୍କୁ ନେଇ ହୋଲି ସମ୍ପର୍କିତ ଏକ ଆଲୋଚନାଚକ୍ର ହୋଇଥିଲା। ଆସନ୍ତା ହୋଲି ପର୍ବରେ ନିଜ ନିଜ ଗ୍ରାମରେ ରାସାୟନିକ ରଙ୍ଗକୁ ବର୍ଜନ ସହ ଅବିର 'ଫଗୁ'ର ବ୍ୟବହାର ତଥା ଶାନ୍ତିଶୃଙ୍ଖଳା ସହ ବନ୍ଧୁତାପୂର୍ଣ୍ଣ, ଅହିଂସାମୂଳକ ଭାବେ ପାଳନ ନିମନ୍ତେ ପଣ୍ଡା ଉପସ୍ଥିତ ନାଗରିକଙ୍କୁ ପ୍ରସ୍ତାବ ଦେଇଥିଲେ। ସମବେଶିତ ବ୍ୟକ୍ତିବିଶେଷ ନିଜ ନିଜ ଗ୍ରାମରେ ଶାନ୍ତିଶୃଙ୍ଖଳା ସହ ନିଶାଦ୍ରବ୍ୟରୁ ଦୂରେଇ ରହି ଭାଇଚାରା ସହ ହୋଲିପାଳନ ପାଇଁ ସହମତ ହୋଇଥିଲେ।

# ଜାତୀୟ ବିଜ୍ଞାନ ଦିବସ ପାଳିତ

ହରଭଙ୍ଗା, ୨୮।୨(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଛତ୍ରଙ୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଜାତୀୟ ବିଜ୍ଞାନ ଦିବସ ଶନିବାର ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ସୁନିଲ ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାରାୟଣ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ କମଳ କୁମାର ବାଇ ଯୋଗଦେଇଥିଲେ। ବର୍ତ୍ତମାନ ସମୟରେ ବିଜ୍ଞାନର ଭୂମିକା ଉପରେ ସେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ନୃତ୍ୟ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ବିଶ୍ୱଜିତା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜ୍ଞାନ ଆଚାର୍ଯ୍ୟା ଶିଳା ବିଷ୍ଣୁପ୍ରିୟା ହୋତା ମଞ୍ଚ ପରିଚାଳନା କରିଥିବା ବେଳେ ବିଜ୍ଞାନ ଆଚାର୍ଯ୍ୟ ସୁଦାମ ପ୍ରଧାନ ଓ ସମସ୍ତ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ଓ ସେବିକା ସହଯୋଗ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁନିଲ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାର୍ଷିକ ଉତ୍ସବରେ କୃତୀ ଛାତ୍ରୀଛାତ୍ର ସମ୍ମାନିତ

ପାଇକମାଳ, ୨୮।୨(ବଡ଼ ଶତପଥୀ)

ପାଇକମାଳ ବ୍ଲକ ନୃସିଂହନାଥ ଆୟୁର୍ବେଦ କଲେଜର ୪୫ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଚାଳନା କମିଟିର ସଭାପତି ସତ୍ୟ ଭୂଷଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଆଇଆଇଏମ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜଶପାଲ, ମୁଖ୍ୟବକ୍ତା ଭାବେ ଛତିଶଗଡ଼ ବୋର୍ଡ ଆୟୁର୍ବେଦ ମେଡିସିନ ଡା. ସଞ୍ଜୟ ସୁକ୍ଲା, ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ବଲାଙ୍ଗିର ପରୀକ୍ଷା ନିୟନ୍ତ୍ରକ ଡା.ଶ୍ୟାମ ଭୋଇ, ଡାକ୍ତର ଅଭିରାମ ଠାକୁର ଯୋଗ ଦେଇଥିଲେ। କଲେଜର ଅଧ୍ୟକ୍ଷ ଡା. ଜଗବନ୍ଧୁ ମିଶ୍ର ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ଶ୍ରେୟାଶ୍ରୀ ତ୍ରିପାଠୀ, ଶୃତିଶିଖା ମହାପାତ୍ର, ଜୁଲୁଲି ସଭା ପରିଚାଳନା କରିଥିଲେ। କଲେଜର ସମ୍ପାଦକ ମନୋଜ କୁମାର ତ୍ରିବେଦୀ ବାର୍ଷିକ ବିବରଣୀ ପଠନ କରିଥିଲେ। କଲେଜର ଛାତ୍ରୀଛାତ୍ର ବିଭିନ୍ନ କ୍ଷେତ୍ରରେ କୃତି ଅର୍ଜନ କରିଥିବାରୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ସ୍ମରଣୀକା ଅମ୍ରିତା ଉନ୍ମୋଚନ କରାଯାଇଥିଲା।

# କଳସ ଶୋଭାଯାତ୍ରା, ଚଣ୍ଡୀ ଯଜ୍ଞ

ବଘିଆପଡ଼ା, ୨୮।୨
(ଶ୍ରୀକାନ୍ତ ସାହୁ)

ବୌଦ୍ଧ ବ୍ଲକ ଅନ୍ତର୍ଗତ ବଘିଆପଡ଼ା ଗ୍ରାମ ପଞ୍ଚାୟତ ଡୁମାଲ ସମାଜ ମାଝୀସାହି କେନ୍ଦ୍ରର ମା'ମାହେଶ୍ୱରୀଙ୍କ ପ୍ରାଣ ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ ଉପଲକ୍ଷେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କଳସ ଶୋଭାଯାତ୍ରା ବଘିଆପଡା ଶିବ ମନ୍ଦିର ଘାଟରୁ ବାହାରି, ଧାର୍ମିକ ସାଂସ୍କୃତିକ ସେବା ମହାସଂଘ ବୌଦ୍ଧ ତରଫରୁ କୃଷ୍ଣଗୁରୁ ନାମ ମଣ୍ଡଳୀ ସହ ସଉରା ଦଣ୍ଡ ନୃତ୍ୟ ପରିବେଷଣ ସହ ବହୁ ଆଡମ୍ବରରେ କଳସ ଶୋଭାଯାତ୍ରା ମା' ମାହେଶ୍ୱରୀ ପୀଠ ଆମଠାପଡ଼ା, ଲଉରିଆ ସାହିରେ ପହଞ୍ଚିଥିଲେ। ଏହା ପରେ ପୂଜା କାର୍ଯ୍ୟ ସହ ଚଣ୍ଡୀ ଯଜ୍ଞ ଓ ହୋମ କାର୍ଯ୍ୟ ହୋଇଥିଲା। ଏହି ହୋମକାର୍ଯ୍ୟରେ କର୍ତ୍ତା ଭାବେ ଜୟସ୍ୱର ପାତ୍ର, ଧର୍ମପତ୍ନୀ ପ୍ରେମଶିଳା ପାତ୍ର, କୃଷ୍ଣଚନ୍ଦ୍ର ପ୍ରଧାନ, ଧର୍ମପତ୍ନୀ ପୁଷ୍ପାଞ୍ଜଳି ପ୍ରଧାନ ଏବଂ ଗଣେଶ୍ୱର ପ୍ରଧାନ ଧର୍ମପତ୍ନୀ ସନ୍ତୋସିନି ପ୍ରଧାନ ପୂଜାରେ ବସିଥିଲେ। ପୁରୋହିତ ଭାବେ ଶ୍ରୀକାନ୍ତ ମହାପାତ୍ର ଏବଂ ତାଙ୍କର ସହଯୋଗୀ ଶିବ ପ୍ରସାଦ ପାଣିଗ୍ରାହୀ କାର୍ଯ୍ୟ ତୁଲେଇଥିଲେ। ମୁଟୁ ମହାକୁଡ଼ ମାହେଶ୍ୱରୀ ପୀଠରେ ପୂଜା କାର୍ଯ୍ୟ କରିଥିଲେ ଏବଂ କେନ୍ଦ୍ରର ସମ୍ପାଦକ ଧରଣୀଧର ଲୌରିଆ ଏବଂ କେନ୍ଦ୍ରର କମିଟି ବୃନ୍ଦ ସହଯୋଗ କରିଥିଲେ।

# ଶିବିର ଆୟୋଜନକରି ୩୩ ମହିଳା କଲେ ରକ୍ତଦାନ

ବରଗଡ଼,୨୮।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ସ୍ୱଚ୍ଛାକୃତ ରକ୍ତଦାନ କ୍ଷେତ୍ରରେ ମହିଳାଙ୍କ ଭାଗିଦାରୀ ଯଥେଷ୍ଟ କମ ରହିଛି। ୨୦୨୩ ବର୍ଷ ତଥ୍ୟ ଅନୁସାରେ ବରଗଡ଼ରେ ମୋଟ ୧୯ହଜାର ୧୫୮ ଜଣ ରକ୍ତଦାତା ରକ୍ତଦାନ କରିଥିବା ବେଳେ ସେଥିରୁ କେବଳ ୯୭୭ ଜଣ ମହିଳା ଅର୍ଥାତ୍ ମୋଟ ରକ୍ତଦାତାଙ୍କର ୫.୨ ପ୍ରତିଶତ ମହିଳା ରକ୍ତଦାନ କରିଛନ୍ତି। ୨୦୨୪-୨୦୨୫ ମଧ୍ୟରେ କେବଳ ୩ ପ୍ରତିଶତ ବୃଦ୍ଧି ପାଇଛି ଅର୍ଥାତ୍ ୮ ପ୍ରତିଶତ ମହିଳା ଅନ୍ତର୍ଭୁକ୍ତ ହୋଇଥିବା ସୂଚନା ମିଳିଛି। ରାଜ୍ୟସ୍ତରରେ ନ୍ୟାଶନାଲ ଏଡସ କଣ୍ଟ୍ରୋଲ ଅର୍ଗାନାଇଜେଶନ ଏବଂ ନ୍ୟାଶନାଲ ବ୍ଲଡ ଟ୍ରାନ୍ସଫ୍ୟୁଜନ କାଉନସିଲଙ୍କ ୨୦୨୨, ୨୦୨୩ ବର୍ଷ ରିପୋର୍ଟ ଅନୁଯାୟୀ, ଓଡ଼ିଶାରେ ପ୍ରତିବର୍ଷ ପ୍ରାୟ ୯ରୁ ୧୦ ଲକ୍ଷ ୟୁନିଟ ରକ୍ତ ସଂଗ୍ରହ ହେଉଛି। ଏଥିରେ ମହିଳାଙ୍କ ଭାଗୀଦାରି ୮ ରୁ ୧୨ ପ୍ରତିଶତ ମଧ୍ୟରେ ସୀମିତ। ପୂର୍ବରୁ ବାର୍ଷିକ ସଂଗ୍ରହ ୬୭ ଲକ୍ଷ ୟୁନିଟ ଥିବା ବେଳେ ମହିଳା ଭାଗୀଦାରି ୬୮ ପ୍ରତିଶତ ଥିଲା। ଅର୍ଥାତ୍ ସଂଖ୍ୟା ବଢ଼ିଥିଲେ ମଧ୍ୟ ଅସମାନତା ଏପର୍ଯ୍ୟନ୍ତ ରହିଛି। ଏହି ପରିପ୍ରେକ୍ଷୀରେ ବରଗଡ଼ ନେହେରୁ ଏସୋସିଏଶନ ମହିଳା ସମିତି ପକ୍ଷରୁ ଶନିବାର ଏକ ସଚେତନତାମୂଳକ ମହିଳା ସ୍ୱତନ୍ତ୍ର ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ, ଛାତ୍ରୀ ଓ ମହିଳାମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଅର୍ଥାତ୍ ମହିଳାଙ୍କ ଦ୍ୱାରା ଆୟୋଜିତ ଏହି ଶିବିରରେ ୩୩ଜଣ ମହିଳା ରକ୍ତଦାନ କରିଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରଥମଥର ପାଇଁ ରକ୍ତଦାନ କରିଥିଲେ। ଶିବିରକୁ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଜିଲା ପରିଷଦ ଅଧୀନ ମାନିନୀ ଭୋଇ, ପୌରାଧ୍ୟକ୍ଷା କଳ୍ପନା ମାଝି, ଫର୍ ଅନୁଷ୍ଠାନର ଅଧ୍ୟକ୍ଷା ମିନାକ୍ଷୀ ମିଶ୍ର ଉଦ୍‌ଘାଟନ କରିଥିଲେ। ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ କହିଥିଲେ, ଓଡ଼ିଶାରେ ପ୍ରଥମଥର ବରଗଡରେ ମହିଳା ସ୍ୱତନ୍ତ୍ର ରକ୍ତଦାନ ଶିବିର ଆୟୋଜନ ହେବା ଗର୍ବର ବିଷୟ। ଏହା ଏକ ଐତିହାସିକ ପଦକ୍ଷେପ। ସହଭାଗୀ ସଂଖ୍ୟା କିଛି ମାନେ ରଖେ ନାହିଁ, ରକ୍ତଦାନ ମାନବତାର ସର୍ବୋଚ୍ଚ ସେବା। ମହିଳାମାନେ ଯଦି ଆଗକୁ ଆସନ୍ତି, ଜିଲାର ସ୍ୱାସ୍ଥ୍ୟ ସୁରକ୍ଷା ଆହୁରି ମଜବୁତ ହେବ। ସେ ଅନିମିଆ ନିୟନ୍ତ୍ରଣ ଓ ପୋଷଣ ସଚେତନତାକୁ ଜୋରଦାର କରିବାକୁ ସେ ଆହ୍ୱାନ କରିଥିଲେ।

ଜିଲା ପରିଷଦ ସଭାପତି ମାନିନୀ ଭୋଇ କହିଲେ, ମହିଳା ସଶକ୍ତୀକରଣର ସଠିକ ଅର୍ଥ ହେଉଛି ସ୍ୱାସ୍ଥ୍ୟରେ ସ୍ୱାଧୀନତା। ରକ୍ତଦାନରେ ସମାନ ଭାଗୀଦାରି ଆଣିବାକୁ ସମସ୍ତଙ୍କ ଯୁକ୍ତ ପ୍ରୟାସ ଆବଶ୍ୟକ। ପୌରାଧ୍ୟକ୍ଷା କଳ୍ପନା ମାଝି ମହିଳାଙ୍କୁ ଭ୍ରାନ୍ତିଧାରଣା ଛାଡ଼ି ସ୍ୱଇଚ୍ଛିକ ଭାବେ ରକ୍ତଦାନରେ ଯୋଗଦେବାକୁ ଅନୁରୋଧ କରିଥିଲେ। ସମିତି ସଭାପତି ସୁଷମା ଭୋଇ କହିଥିଲେ, ବିଶେଷଜ୍ଞଙ୍କ ମତରେ ଏନିମିଆ, ପୋଷଣ ଅଭାବ ଓ ସାମାଜିକ ଭ୍ରାନ୍ତି ମହିଳାଙ୍କୁ ପଛକୁ ଟାଣୁଛି । ଗ୍ରାମୀଣସ୍ତରରୁ ହିମୋଗ୍ଲୋବିନ ସଚେତନତା ବଢ଼ାଇଲେ ପରିବର୍ତ୍ତନ ସମ୍ଭବ। ଆହୁରି ସଚେତନତାର ଆବଶ୍ୟତା ରହିଛି। ଏଭଳି ମହିଳା ରକ୍ତଦାନ ଶିବିର ଆୟୋଜନ କରି ମହିଳାଙ୍କୁ ପ୍ରେରିତ କରିବା ପ୍ରୟାସକୁ ଜାରି ରଖିବୁ। ସମ୍ପାଦିକା ଅନୁପମା ମିଶ୍ର କହିଥିଲେ, ଜିଲାରେ ରକ୍ତଦାତାଙ୍କ ସଂଖ୍ୟା ବଢୁଛନ୍ତି, କିନ୍ତୁ ମହିଳାଙ୍କ ହାର ଅତ୍ୟନ୍ତ କମ। ଆଜିର ଏହି ଶିବିର ଏକ ସଚେତନ ବାର୍ତ୍ତା ଦେବ। ଏହି ଅବସରରେ ରକ୍ତଦାନ କ୍ଷେତ୍ରରେ ଏ ଅଞ୍ଚଳରେ ଦୀର୍ଘ ବର୍ଷ ଧରି ରକ୍ତ ସଂକଟକୁ ଦୂର କରିବା ପାଇଁ ଅନବରତ ରକ୍ତଦାନ ଶିବିର ଆୟୋଜନ କରୁଥିବା ନିଷ୍ଠା ପରିବାରର ସଦସ୍ୟ, ସଂକଳ୍ପ ପରିବାରର ସଭାପତି ବିକାଶ ଅଗ୍ରୱାଲ ତଥା ଅନ୍ୟ ସଦସ୍ୟମାନେ ପ୍ରତ୍ୟକ୍ଷ ଭାବରେ ଉପସ୍ଥିତ ହୋଇ ମହିଳା ରକ୍ତଦାନ ଶିବିର ଆୟୋଜକଙ୍କୁ ମାର୍ଗଦର୍ଶନ କରାଇଥିଲେ।

ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ଅଜିତ କୁମାର ଦର୍ଜୀ କହିଥିଲେ, ଏନିମିଆର ଅଭାବ, ପରିବାରିକ ଦାୟିତ୍ୱ ଓ କମ ହିମୋଗ୍ଲୋବିନ ସ୍ତର ମହିଳାଙ୍କୁ ଅଯୋଗ୍ୟ କରୁଛି। ତଥାପି ସରକାର, ଶିକ୍ଷାନୁଷ୍ଠାନ ଓ ସ୍ୱେଚ୍ଛାସେବୀ ସଂଗଠନଙ୍କ ପ୍ରୟାସରେ ସ୍ୱେଚ୍ଛାକୃତ ରକ୍ତଦାନରେ ବୃଦ୍ଧି ଦେଖାଯାଉଛି। ବରଗଡ଼ରେ ଅଧିକ ମହିଳାଙ୍କ ସହଭାଗୀତା ଜିଲାର ସ୍ୱାସ୍ଥ୍ୟ ସୂଚକଙ୍କୁ ନୂତନ ଦିଗ ଦେଇପାରିବ ବୋଲି ମତ ପ୍ରକାଶ ପାଇଛି। ଶିବିର ଅନ୍ୟ ମହିଳାମାନଙ୍କୁ ନିଶ୍ଚିତ ପ୍ରେରିତ କରିବ। ତେବେ ଏଭଳି ଏକ ଅଭିନବ କାର୍ଯ୍ୟକ୍ରମ ଆୟୋଜନରେ କ୍ୟାନସର ପୀଡିତଙ୍କ ସେବା ପାଇଁ ଉଦ୍ଦିଷ୍ଟ ଫାଇଟର୍ସ ଗ୍ରୁପର ଚେୟାରମ୍ୟାନ ଅଶ୍ୱିନୀ ଦର୍ଜୀଙ୍କ ଉଦ୍ୟମ ଏବଂ ନେହେରୁ ଆସୋସିଏଶନର ସମସ୍ତ କର୍ମକର୍ତ୍ତା, ସଭ୍ୟବୃନ୍ଦଙ୍କ ସହଯୋଗକୁ ସବୁ ମହଲରେ ପ୍ରଶଂସା କରାଯାଉଛି।



ଶିବିରରେ ବରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ରକ୍ତଦାନ କରୁଛନ୍ତି।

## ଡମ୍ଫର ଧକ୍କାରେ ୨ ବାଇକ୍ ଆରୋହୀ ମୃତ

ରାଉରକେଲା,୨୮।୧(ଦିନେଶ ମିଶ୍ର)

ରଘୁନାଥପାଲୀ ଥାନା ଜଲଦାଫାଣ୍ଡି ଅଞ୍ଚଳରେ ଥିବା କାଟନୀ ଛକରେ ଶନିବାର ଏକ ଡମ୍ଫର ଧକ୍କାରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତ ଯୁବକ ଜଣକ ହେଲେ ଅସୁରଛପଲ ଗ୍ରାମର ସୁରଜ ମୁଣ୍ଡା(୨୧) ଓ ଅନ୍ୟ ମୃତକଙ୍କର ପରିଚୟ ମିଳିନାହିଁ। ଅପରାହ୍ନ ସାଢେ ୨ଟାରେ ସୁରଜ ତାଙ୍କର ୨ ଜଣ ସାଙ୍ଗଙ୍କ ସହ ଏକ ବାଇକ୍ ଯୋଗେ ରାଉରକେଲା ଅଭିମୁଖେ ଆସୁଥିବାବେଳେ କଟନୀ ଛକରେ ଏକ ଡମ୍ଫର ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ବାଇକ୍ ପଛରେ ବସିଥିବା ଯୁବକ ଜଣକ ଛିଟିକି ପଡ଼ିଥିଲେ ଓ ଅନ୍ୟ ଦୁଇ ଜଣ ବାଇକ୍ ଆରୋହୀ ରାସ୍ତାର ଡିଭାଇଡରରେ ପିଟି ହୋଇଯାଇଥିଲେ। ସମସ୍ତଙ୍କୁ ଉଦ୍ଧାର କରାଯାଇ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସୁରଜ ଓ ଅନ୍ୟ ଜଣଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଅନ୍ୟ ବନ୍ଧୁ ବର୍ତ୍ତମାନ ସୁଦ୍ଧା ଆର୍‌ଜିଏଚ୍‌ରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

# ଜର୍ଜର ରାସ୍ତା, ଡ୍ରେନେଜ ସହ ଜବରଦଖଲ ସମୀକ୍ଷା

### ରାଉରକେଲା ମହାନଗର ନିଗମ ଆୟୁକ୍ତଙ୍କ ଛେଣ୍ଡ ଗସ୍ତ

ରାଉରକେଲା,୨୮।୨ (ବିପ୍ଳବ ରନ ଦାଶ)

ରାଉରକେଲା ମହାନଗର ନିଗମ ଆୟୁକ୍ତ ଦୀନା ଦସ୍ତଗିର ଶନିବାର ଛେଣ୍ଡ ଗସ୍ତ କରି ଆଖାପାଖ ସାର୍ବଜନୀନ ବ୍ୟବସ୍ଥାଗୁଡ଼ିକର ସମୀକ୍ଷା କରିଥିଲେ। ବିଶେଷକରି ଛେଣ୍ଡ ଅଞ୍ଚଳର ଜର୍ଜର ରାସ୍ତା, ଡ୍ରେନେଜ, ପରିମଳ ଓ ଜବରଦଖଲ ଆଦିର ସମୀକ୍ଷା କରିଥିଲେ। ଏଥିସହିତ ଛେଣ୍ଡ ଅଞ୍ଚଳର ପାନୀୟ ଜଳ ବ୍ୟବସ୍ଥା ଉପରେ ମଧ୍ୟ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଶୁକ୍ରବାର ରାସ୍ତାକଡ଼ରେ ହାଟ ବସୁଥିବା ବ୍ୟବସାୟୀମାନଙ୍କ ପାଇଁ ନିର୍ମିତ ହେବାକୁ ଥିବା ଟିସ୍କୋ ପିଣ୍ଡିର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଯାଇଥିବା ବେଳେ ଆୟୁକ୍ତ ଏହାର ସମୀକ୍ଷା କରି ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ନିକଟସ୍ଥ ଏକ ଘରୋଇ ହସ୍ପିଟାଲ



ରାଉରକେଲା ମହାନଗର ନିଗମ ଆୟୁକ୍ତ ଛେଣ୍ଡର ଆଖାପାଖ ସାର୍ବଜନୀନ ବ୍ୟବସ୍ଥାଗୁଡ଼ିକ ବୁଲି ଦେଖୁଛନ୍ତି।

ମଧ୍ୟ ଆୟୁକ୍ତ ପରିଦର୍ଶନ କରିଥିଲେ। ପରେ ବିଏସ୍‌ଏନ୍‌ଏଲ୍ ଛକସ୍ଥିତ ଫୁଡକୋର୍ଟ ପରିଦର୍ଶନ କରି ଦୋକାନୀମାନଙ୍କୁ ଖାଦ୍ୟ ସାମଗ୍ରୀ ଘୋଡାଇ ରଖିବା ସହିତ ସଫାସୁତୁରା ପରିବେଶ ନିରନ୍ତର ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ।

## ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଶୋ'ରୁମ୍‌ର ବାର୍ଷିକ ଉତ୍ସବ

ରାଉରକେଲା,୨୮।୨(ଦିନେଶ ମିଶ୍ର)



ଉଦିତନଗର ସ୍ଥିତ ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ ଥିବା ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଶୋ'ରୁମ୍‌ର ପ୍ରଥମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ମ୍ୟାନେଜର ତାପସ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଶୋ'ରୁମ୍ ରାଉରକେଲାରେ ବର୍ଷକ ଭିତରେ ଖାଲି ଯେ ଗ୍ରାହକମାନଙ୍କୁ ଗହଣା କ୍ଷେତ୍ରରେ ଆକୃଷ୍ଟ କରୁଛି ତାହା ନୁହେଁ ବଂର ବର୍ତ୍ତମାନ ସୁଦ୍ଧା ୨ଶହ ଗରୀବ ଲୋକଙ୍କୁ ପ୍ରତିଦିନ ଖାଦ୍ୟ ଯୋଗାଇ ଆସୁଛି। ଏଥିସହ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ ଶୋରୁମ୍ ତାର ସିଏସ୍‌ଆର ବିଭାଗରେ ରାଉରକେଲାରେ ଅବହେଳିତ ଶିଶୁମାନଙ୍କୁ ମାଗଣାରେ ଶିକ୍ଷା ପ୍ରଦାନ କରିବା ସହ ଆଗାମୀ ଦିନରେ ୧୩୩ ଜଣ ବାଳିକାଙ୍କୁ ମେଧାବୃତ୍ତି ପ୍ରଦାନ କରିବ ବୋଲି ଉତ୍ସବରେ ଘୋଷଣା କରିଛି। ଏଥିସହ ରାଉରକେଲାର ବିଭିନ୍ନ ତଳି ଅଞ୍ଚଳରେ ମାଗଣା ସ୍ୱାସ୍ଥ୍ୟ ଶିବିର, ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ମଧ୍ୟ କାର୍ଯ୍ୟଜାରି ରଖିଛି। ସେହିଭଳି ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଶୋ'ରୁମ୍ ରାଉରକେଲାରେ ତାର ୫୬ କେ.ଜି ଷ୍ଟକ୍ ବିଭିନ୍ନ କିସମର ଅଳଙ୍କାର ଉପଲବ୍ଧ ରଖିଛି। ବିଭିନ୍ନ ଗ୍ରାହକମାନଙ୍କ ଗୁଣବତ୍ତାକୁ ଦୃଷ୍ଟିରେ ରଖି ମାଲାବାର ରାଉରକେଲା ସହରରେ ବେଶ ଲୋକପ୍ରିୟ ହାସଲ କରିଛି। ମାଲାବାର ଏହି ବାର୍ଷିକ ଉତ୍ସବ ପାଳନ ଅବସରରେ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଇସିକା ମଞ୍ଚପରିଚାଳନା କରିଥିଲେ। ଏହି ଉତ୍ସବକୁ ଶୋରୁମ୍‌ର ଡନ୍ ଟୋମ୍, ସୌରଭ ପାତ୍ର, ଚିତ୍ତରଞ୍ଜନ ପାଣିଗ୍ରାହୀ, ରଞ୍ଜନ ବିଶ୍ୱାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସିଆରଏମ୍ ପ୍ରଭାତୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରୁ ୩୫୦ରୁ ଊର୍ଦ୍ଧ୍ୱ ଶ୍ରମିକ ଉପକୃତ



ରାଉରକେଲା,୨୮।୨(ବିପ୍ଳବ ରଞ୍ଜନ ଦାଶ)

ସେଲ, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ପେଲେଟ ପ୍ଲାଣ୍ଟ (ପ୍ରକଳ୍ପ ଅଞ୍ଚଳ)ରେ ନିୟୋଜିତ ୩୫୬ ଜଣ ଠିକା କର୍ମଚାରୀ ଫେବୃଆରୀ ୨୭ ତାରିଖରେ ଉକ୍ତ ସ୍ଥାନରେ ଅନୁଷ୍ଠିତ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରୁ ଉପକୃତ ହୋଇଥିଲେ। ଏହି ସ୍ୱାସ୍ଥ୍ୟ ଶିବିର ଇଏସ୍‌ଆଇ ଡିସ୍‌ପେନ୍‌ସାରି ଏବଂ ଇସ୍ପାତ ଜେନେରାଲ ହସ୍ପିଟାଲ ସହାୟତାରେ ମାନବ ସମ୍ବଳ ଠିକା ଶ୍ରମିକ ସେଲ ଦ୍ୱାରା ପରିଚାଳିତ ହୋଇଥିଲା। ଇଏସ୍‌ଆଇ ଡିସ୍‌ପେନ୍‌ସାରି, ଇଏସ୍‌ଆଇ ମଡେଲ ହସ୍ପିଟାଲ ଏବଂ ଆଇଜିଏଚ୍‌ର ଡାକ୍ତର ଏବଂ ଟେକ୍ନିସିଆନମାନେ ସ୍ୱାସ୍ଥ୍ୟପରୀକ୍ଷା କାର୍ଯ୍ୟଧାରା ପରିଚାଳନା କରିଥିଲେ। ପ୍ରକଳ୍ପ ବିଭାଗର ସିଜିଏମ୍ ରାହୁଲ ଅଗ୍ରୱାଲ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏଚ୍‌ଆର ସିଏଲ୍‌ସି ବିଭାଗର ଡେପୁଟି ମ୍ୟାନେଜର ନୀଳମଣି ମାଝୀ ଏବଂ ପି କେ ପରିଡ଼ା ସେମାନଙ୍କୁ ଶିବିରର କାର୍ଯ୍ୟକାରିତା ବିଷୟରେ ଅବଗତ କରାଇଥିଲେ। ରୋଗ ଚିହ୍ନଟ କରିବା ଏବଂ ପ୍ରତିରୋଧ କରିବା ତଥା ମାନବସମ୍ବଳଙ୍କୁ ସୁସ୍ଥ ଏବଂ ସର୍ବୋତ୍ତମ କାର୍ଯ୍ୟଦକ୍ଷତା ପାଇଁ ଫିଟ ରଖିବା ଲାଗି ବିଭିନ୍ନ ପରୀକ୍ଷା ଯଥା ବଡି ମାସ ଇଣ୍ଡେକ୍ସ, ଉଚ୍ଚତା, ଓଜନ, ଦୃଷ୍ଟି ପରୀକ୍ଷା (ଚକ୍ଷୁ), ରକ୍ତଚାପ, ଅନିୟମିତ ରକ୍ତ ଶର୍କରା, ବର୍ଗୀକରଣ ଏବଂ ସାଧାରଣ ଯାଞ୍ଚ ଯେପରି କି ଶ୍ରବଣ ଏବଂ ନାଡ଼ି ହାର ଇତ୍ୟାଦି ବିଭିନ୍ନ ପରୀକ୍ଷା କରାଯାଇଥିଲା। ଚିହ୍ନଟ ହୋଇଥିବା ରୋଗୀମାନଙ୍କୁ ମାଗଣାରେ ଔଷଧ ଦିଆଯାଇଥିଲା। ସ୍ୱାସ୍ଥ୍ୟ ଚିନ୍ତା ବିଷୟରେ ଠିକା ଶ୍ରମିକଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା ଏବଂ ସେମାନଙ୍କୁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଉତ୍ସାହିତ କରାଯାଇଥିଲା।

ଏଚ୍‌ଆର ସିଏଲସି- ପ୍ରକଳ୍ପ, ସହର ଏବଂ ମେଡିକାଲ ବିଭାଗର ଜିଏମ ଜି ଆର ଦାଶଙ୍କ ମାର୍ଗଦର୍ଶନ ଏବଂ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଏଚଆର-ସିଏଲ୍‌ସି ଦଳ ଦ୍ୱାରା ସମନ୍ୱିତ ହୋଇଥିଲା।

## ଡବଲ ଇଞ୍ଜିନ ସରକାରଙ୍କ ଜନବିରୋଧୀ ନୀତିକୁ ବିରୋଧ




ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା

### ସିପିଆଇ(ଏମ୍)ର ଖବରଦାତା ସମ୍ମିଳନୀ

ରାଉରକେଲା, ୨୮।୨(ସଙ୍ଗୀତା ଜେନା)

ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟିର ୨ ଦିବସୀୟ ରାଜ୍ୟ କମିଟି ବୈଠକ ସୁନ୍ଦରଗଡ଼ କୋଇଡ଼ାଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ କମିଟି ସଦସ୍ୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ନିଷ୍ପତ୍ତି ଓ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତିର ବିରୋଧ କରାଯାଇଥିଲା। ରାଉରକେଲା ସେକ୍ଟର-୧୯ ଶ୍ରମିକ ଭବନଠାରେ ଶନିବାର ପୂର୍ବାହ୍ନ ୧୧ଟାରେ ସିପିଆଇ(ଏମ୍ ) ପକ୍ଷରୁ ଖବରଦାତା ସମ୍ମିଳନୀରେ ଏହି ସମସ୍ତ ସୂଚନା ପ୍ରଦାନ କରାଯାଇଥିଲା। ଏଥିରେ ସିପିଆଇ(ଏମ୍ ) ଓଡ଼ିଶା ରାଜ୍ୟ ସମ୍ପାଦକ ସୁରେଶଚନ୍ଦ୍ର ପାଣିଗ୍ରାହୀ, ବିଶିଷ୍ଟ ଶ୍ରମିକ ନେତା ତଥା ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ବିଷ୍ଣୁ ମହାନ୍ତି, ଜିଲା ସମ୍ପାଦକ ପ୍ରମୋଦ ସାମଲ, ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବିମାନ ମାଇତି, ସୁରେନ୍ଦ୍ର ଦାଶ, ରାଜକିଶୋର ପ୍ରଧାନ, ଶ୍ରୀମନ୍ତ ବେହେରା, ଜିଲା କମିଟି ସଦସ୍ୟ ବସନ୍ତ ନାୟକ, ଗୌରୀଶଙ୍କର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶା ରାଜ୍ୟ ସମ୍ପାଦକ ପାଣିଗ୍ରାହୀ ସୂଚନା ଦେଇ କହିଲେ, କୋଇଡା ଠାରେ ସମ୍ମିଳନୀ ହୋଇଥିଲା। ଏଥିରେ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା। ଏପ୍ରିଲ ୧ରୁ ୧୦ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଘର ଘର ବୁଲି ଜନସମ୍ପର୍କ ଅଭିଯାନ କରାଯାଇ ଲୋକଙ୍କୁ ସଚେତନ କରାଯିବ। ପାର୍ଟିକୁ ସମ୍ପ୍ରସାରଣ ଓ ସୁଦୃଢ଼ କରିବା ପାଇଁ ତୃଣମୂଳ ସ୍ତରରେ ଶକ୍ତିଶାଳୀ କରିବା ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଡବଲ ଇଞ୍ଜିନ ସରକାରର ଜନବିରୋଧୀ ନୀତି ଯୋଗୁ ଚାଷୀ ଆତ୍ମହତ୍ୟା, ବେରୋଜଗାର, ଆଦିବାସୀଙ୍କ ବିସ୍ଥାପନ ଆଦି ପ୍ରମୁଖ ସମସ୍ୟା ମୁଣ୍ଡ ଟେକିଛି। ରାଜ୍ୟବ୍ୟାପୀ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି କଂଗ୍ରେସ ଓ ବିଜେଡ଼ି ପକ୍ଷରୁ ଜଣେ ଯୁବ ସାଂସଦଙ୍କୁ ରାଜ୍ୟସଭା ଯିବା ଲାଗି ଚୟନ କରାଯାଉ। ସମସ୍ତ ସମସ୍ୟାର ସମାଧାନ କରାଯାଉ ବୋଲି ଆଲୋଚନା ହେଉଛି।

## ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା,୨୮।୨(ବିପ୍ଳବ ରଞ୍ଜନ ଦାଶ)

ବୀର ସୁରେନ୍ଦ୍ର ସାଏଙ୍କ ୧୪୨ତମ ତିରୋଧାନ ଦିବସ ଅବସରରେ ଭକ୍ତି- ମାଲ୍ୟାର୍ପଣ, ପୁଷ୍ପାଞ୍ଜଳି ଓ ସ୍ମୃତି ତର୍ପଣ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା ବିକାଶ ମଞ୍ଚର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱ ଓ ପ୍ରଶାନ୍ତ କୁମାର ପତିଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶକ୍ତିନଗର ଜଗନ୍ନାଥ ମନ୍ଦିର ସନ୍ନିକଟ ବୀର ସୁରେନ୍ଦ୍ର ସାଏଙ୍କ ଆବକ୍ଷ ପ୍ରତିମୂର୍ତ୍ତି ନିକଟରେ ରାଉରକେଲାର ବହୁ ସାରସ୍ୱତ ଓ ସାଂସ୍କୃତିକ ପ୍ରତିଷ୍ଠାନର କର୍ମକର୍ତ୍ତା ଓ ନେତୃତ୍ୱ ସହିତ ଶକ୍ତିନଗର ସାଧାରଣ ଜନତା, ବୁଦ୍ଧିଜୀବୀ ଓ ବ୍ୟବସାୟୀମାନେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ରୂପେ ହମିରପୁର ଉନ୍ନୟନ ପରିଷଦର ସଭାପତି ଡ. ସୁମନ ଦତ୍ତ ମାଲ୍ୟାର୍ପଣପୂର୍ବକ ବୀର ସୁରେନ୍ଦ୍ର ସାଏଙ୍କ ବୈପ୍ଳବିକ ଜୀବନର ସାଲିସବିହୀନ ସଂଗ୍ରାମର ଐତିହାସିକ ବିବରଣୀ ପ୍ରଦାନ କରିଥିଲେ। ବିଶିଷ୍ଟ ଶିକ୍ଷାବିତ ବ୍ରଜେନ୍ଦ୍ର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ପଶ୍ଚିମ ଓଡ଼ିଶାର ଘଞ୍ଚ ପାହାଡ଼ ପର୍ବତ ଅରଣ୍ୟାନୀ ମଧ୍ୟରେ କିପରି ଇଂରେଜମାନଙ୍କ ସହିତ ସଂଘର୍ଷ କରି ସ୍ୱାଧୀନତା ସଂଗ୍ରାମ ପାଇଁ ନିଜର ପ୍ରତିଟି ସ୍ୱେଦ ବିନ୍ଦୁକୁ ଦେଶ ମାତୃକା ପାଇଁ ଅର୍ପଣ କରିଥିଲେ, ତା'ର ସ୍ମୃତିଚାରଣ କରିଥିଲେ। ଏହି ସ୍ମୃତିତର୍ପଣ ସଭାରେ ବିଶିଷ୍ଟ ସାହିତ୍ୟ ସଂଗଠକ ରାଧାମୋହନ ନାୟକ, ସମାଜସେବୀ ଗଗନ ବିହାରୀ ଧଳ, ଆଡ୍‌ଭୋକେଟ ଆରତି ଚୌଧୁରୀ, ପ୍ରଫେସର ମନୋଜ ମିଶ୍ର, କବି ବଳରାମ ରାଉଳ, ଶିକ୍ଷାବିତ୍ ନମିତା ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସୁରେନ୍ଦ୍ର ସାଏଙ୍କୁ ଭକ୍ତି ସୁମନ ଅର୍ପଣ କରିଥିଲେ।

## ମହିଳା ହକି ପ୍ରତିଯୋଗିତା, ଓଡ଼ିଶା ସଚିବାଳୟ ଚାମ୍ପିୟନ



ରାଉରକେଲା,୨୮।୨(ଦିନେଶ ମିଶ୍ର)

ନୂଆଦିଲ୍ଲୀରେ ଚାଲିଥିବା ଅଲ୍ ଇଣ୍ଡିଆ ସିଭିଲ ସର୍ଭିସ୍ ହକି ମହିଳା ଚାମ୍ପିୟନଶିପରେ ଓଡ଼ିଶା ସଚିବାଳୟ ମହିଳା ଦଳ ତାର ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି କେନ୍ଦ୍ରୀୟ ସଚିବାଳୟ ଦିଲ୍ଲୀକୁ ପରାସ୍ତ କରି ଶନିବାର ଚାମ୍ପିୟନ ହୋଇଛି। ଓଡିଶା ସଚିବାଳୟ ମହିଳା ଦଳ କେନ୍ଦ୍ରୀୟ ସଚିବାଳୟ ଦିଲ୍ଲୀ ଦଳକୁ ୫-୩ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ଓଡ଼ିଶା ଦଳ ପକ୍ଷରୁ ନେହା ଲାକ୍ରା ମ୍ୟାଚର ଠିକ୍ ୨ମିନିଟ୍‌ରେ ପ୍ରଥମ ଗୋଲ ପରେ ମ୍ୟାଚର ୧୦ ମିନିଟ୍‌ରେ କେନ୍ଦ୍ରୀୟ ସଚିବାଳୟ ଦଳ ପକ୍ଷରେ ୨ଟି ଗୋଲ ମାରି ଦଳକୁ ୨-୦ ଗୋଲରେ ଆଗୁଆ ରଖିଥିଲେ। ପରେ ମ୍ୟାଚର ୩୮ ମିନିଟ୍ ଓ ୪୬ ମିନିଟ୍‌ରେ ପୁଣି ୨ଟି ଗୋଲ କରି ଦଳକୁ ୪-୨ରେ ଅଗ୍ରୀମ ରଖିଥିଲେ। ଶେଷରେ ଜାନବୀ ପ୍ରଧାନ ଦିଲ୍ଲୀ ବିପକ୍ଷରେ ଗୋଟିଏ ଗୋଲ କରି ଓଡ଼ିଶାକୁ ୫-୩ ଗୋଲରେ ବିଜୟୀ କରିଥିଲେ। ଏହି ମ୍ୟାଚ୍‌ରେ ନେହା ଲାକ୍ରାଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ବେଷ୍ଟ ମିଡ୍‌ଫିଲଡର ଭାବେ ରୋଜିତା କୁଜୁରଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। କୋଚ ଭାବେ ପ୍ରୀତି ତିର୍କୀ ଦାୟିତ୍ୱ ତୁଲାଇ ଥିଲେ। ବିଜୟୀହେବା ପରେ ରାଉରକେଲା ସ୍ପୋର୍ଟ୍ସଆସୋସିଏଶନ ଓ ପାନପୋଷ ହକି ସ୍ପୋର୍ଟ୍ସ ହଷ୍ଟେଲ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଫୁଟ୍‌ବଲ ଟୁର୍ନାମେଣ୍ଟ, ଗ୍ରୀନ୍ କ୍ଲବ ଦଳ ଚାମ୍ପିୟନ




ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

ରାଉରକେଲା,୨୮।୨(ବିପ୍ଳବ ରଞ୍ଜନ ଦାଶ)

### ୪ ରାଜସ୍ୱ ବ୍ଲକ୍‌ରୁ ୧୨୮ଦଳ ସାମିଲ

ଆର୍‌ଏସ୍‌ପି ଦ୍ୱାରା ଶୁକ୍ରବାର ଇସ୍ପାତ ଷ୍ଟାଡିୟମଠାରେ ଆୟୋଜିତ ସମ୍ବର୍ଦ୍ଧନା ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ କୁଆଁରମୁଣ୍ଡା ବ୍ଲକର ତେଲିପୋଷ ଗ୍ରାମର ଗ୍ରୀନ କ୍ଲବ ଦଳ, ଲାଠିକଟା ବ୍ଲକର ନୂଆଗାଁ ଗ୍ରାମର ଅଂସାରୀ ଦଳକୁ ୩-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ଟ୍ରଫି ହାସଲ କରିଛି।

ଉଲ୍ଲେଖଯୋଗ୍ୟ, ନୂଆଗାଁ, ବିସ୍ରା, କୁଆଁରମୁଣ୍ଡା ଏବଂ ଲାଠିକଟା ଚାରୋଟି ରାଜସ୍ୱ ବ୍ଲକରେ ପୂର୍ବରୁ ଆୟୋଜିତ ହୋଇଥିବା ବ୍ଲକସ୍ତରୀୟ ଟୁର୍ନାମେଣ୍ଟରେ ୧୨୮ଟି ଦଳ ଅଂଶଗ୍ରହଣ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ପ୍ରତ୍ୟେକ ବ୍ଲକର ଶ୍ରେଷ୍ଠ ୨ଟି ଦଳ ଫାଇନାଲ ମ୍ୟାଚ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ।

ଏହାର ଉଦ୍‌ଯାପନୀ ଉତ୍ସବରେ ଆର୍‌ଏସ୍‌ପିର ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ଏଚ୍‌ଆର ବିଭାଗର ସିଜିଏମ୍ ମାନସ ରଞ୍ଜନ ରଥ, ଏଚ୍‌ଆର ଏଲଆଣ୍ଡ ବିଭାଗର ସିଜିଏମ୍ ପିକେ ସାହୁ, ସହର ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ୍ ବି କେ ଜୋଜୋଙ୍କ ସମେତ କାରଖାନା ତଥା ସିଏସ୍‌ଆର୍ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସମାବେଶକୁ ସମ୍ବୋଧିତ କରି ମୁଖ୍ୟ ଅତିଥି ଗ୍ରାମୀଣ ଯୁବପିଢ଼ିଙ୍କୁ ସେମାନଙ୍କର ପ୍ରତିଭା ଏବଂ କ୍ରୀଡ଼ାପ୍ରେମୀ ପ୍ରଦର୍ଶନ କରିବା ପାଇଁ ଏକ ପ୍ରକୃଷ୍ଟ ମଞ୍ଚ ପ୍ରଦାନ ପାଇଁ ସିଏସ୍‌ଆର ବିଭାଗକୁ ପ୍ରଶଂସା କରିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ଫୁଟବଲ କେବଳ ଶାରୀରିକ ସୁସ୍ଥତା ଗଠନ କରେ ନାହିଁ ବରଂ ଯୁବ ଖେଳାଳିମାନଙ୍କ ମଧ୍ୟରେ ଶୃଙ୍ଖଳା, ଦଳଗତ କାର୍ଯ୍ୟ ଏବଂ ନେତୃତ୍ୱ ଗୁଣ ମଧ୍ୟ ସୃଷ୍ଟି କରେ। ସିଂହ ଫୁଟବଲକୁ ପ୍ରଥମେ କିକ୍ କରି ଏହି ଫାଇନାଲ ମ୍ୟାଚର ଆରମ୍ଭ କରିଥିଲେ। ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ବିଜେତା ଦଳକୁ ଏକ ଟ୍ରଫି, ସାର୍ଟିଫିକେଟ ଏବଂ ୨୦ ହଜାର ଟଙ୍କା ଅର୍ଥ ରାଶି ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ରନର୍ସଅପ ଦଳକୁ ଏକ ଟ୍ରଫି, ସାର୍ଟିଫିକେଟ ଏବଂ ୧୫ ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଅନ୍ୟ ଦଳଗୁଡ଼ିକୁ ଅଂଶଗ୍ରହଣ ପ୍ରମାଣପତ୍ର ଏବଂ ଫୁଟବଲ ସହିତ ପ୍ରତ୍ୟେକଙ୍କୁ ୫ ହଜାର ଟଙ୍କା ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଗ୍ରୀନ କ୍ଲବର ରୋହିତ କିଷାନଙ୍କୁ ଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ କରାଯାଇଥିଲା। ଅମର ବ୍ରଦର୍ସ, ବେଲଢିପାରୁ ଆୟୁଷ ମିଞ୍ଜ ଶ୍ରେଷ୍ଠ ସ୍କୋରର ବିବେଚିତ ହୋଇଥିବା ବେଳେ ଅନ୍‌ସାରୀ କ୍ଲବର ନିଶିକାନ୍ତ ଏକ୍କା ଶ୍ରେଷ୍ଠ ଡିଫେଣ୍ଡର ଏବଂ ଗ୍ରୀନ କ୍ଲବର ଓସ୍କାର ମିଞ୍ଜ ଟୁର୍ନାମେଣ୍ଟର ଶ୍ରେଷ୍ଠ ଗୋଲକିପର ରୂପେ ପୁରସ୍କୃତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ୧୦୦୦ ଟଙ୍କା ନଗଦ ପୁରସ୍କାର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ଭାସ୍କର ନନ୍ଦ ମ୍ୟାଚ କମିଶନର ଥିଲେ। ମ୍ୟାଚ ପରିଚାଳନା କରିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ମ୍ୟାଚ ଅଫିସିଆଲଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ପୂର୍ବାହ୍ନରେ ବି କେ ଜୋଜୋ ସମସ୍ତ ଅଂଶଗ୍ରହଣକାରୀ ଦଳ, ମ୍ୟାଚ ଆୟୋଜକ ଏବଂ ମ୍ୟାଚ ପ୍ରେମୀଙ୍କ ଉପସ୍ଥିତିରେ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ଜିଏମ ଇନଚାର୍ଜ (ସିଏସଆର୍) ମୁନମୁନ ମିତ୍ର ସମାବେଶକୁ ସ୍ୱାଗତ କରିଥିବା ବେଳେ ବିଭାଗର ଜିଏମ୍ ବିଭାବସୁ ମଲ୍ଲିକ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ସିଏସ୍‌ଆର୍ ବିଭାଗର ଡିଜିଏମ୍ ଟି ବି ଟପ୍ପୋ ଏବଂ ସେକ୍ସନ ଅଫିସର ବି.ଏକ୍କା ସମାରୋହ ସଂଯୋଜନା କରିଥିଲେ।

## ରେଳଲାଇନ୍ ବିସ୍ତାର ପାଇଁ ୧୭ଘର ଉଚ୍ଛେଦ

ବନ୍ଧମୁଣ୍ଡା/ରାଉରକେଲା,୨୮।୨ (ସୁବ୍ରତ ଡେ/ସଙ୍ଗୀତା ଜେନା)

ହାୱଡ଼ା- ମୁମ୍ବାଇ ମୁଖ୍ୟ ରେଳମାର୍ଗର ବିଶ୍ରା -ବନ୍ଧମୁଣ୍ଡା ରେଳଷ୍ଟେଶନ ମଧ୍ୟସ୍ଥ ନୂଆବସ୍ତି ଅଞ୍ଚଳରେ ରେଳଲାଇନ ବିସ୍ତାର ପାଇଁ ଶନିବାର ରେଳ ପ୍ରଶାସନ ପକ୍ଷରୁ ୧୭ ଟି ଘର ଉଚ୍ଛେଦ କରାଯାଇଛି। ନିର୍ଦ୍ଧାରିତ ସମୟ ଅନୁଯାୟୀ ପୂର୍ବାହ୍ନ ୧୦ଟାରେ ରେଳପ୍ରଶାସନ ଜେସିବି, ବୁଲଡୋଜର ଆଦି ଚଳାଇ ଘର ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲା। ଅପରାହ୍ନ୨ଟା ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିଥିଲା। ରେଳବାଇ ଅଧିକାରୀଙ୍କ କହିବା ଅନୁସାରେ, ଉଚ୍ଛେଦ ପ୍ରକ୍ରିୟାରେ ଭଙ୍ଗାଯାଉଥିବା ଘର ମାଲିକଙ୍କୁ କ୍ଷତିପୂରଣ ଯୋଗାଇ ଦିଆଯାଉଛି। ଉଚ୍ଛେଦ ପ୍ରକ୍ରିୟା ସମୟରେ ବିଶ୍ରା ତହସିଲଦାର ପ୍ରେମାନନ୍ଦ ଉର୍ମା ମାଜିଷ୍ଟ୍ରେଟ୍ ଭାବେ ଉପସ୍ଥିତ ଥିଲେ। ବହୁ ସଂଖ୍ୟାରେ ସ୍ଥାନୀୟ ପୋଲିସ, ଆରପିଏଫ୍, ଜିଆରପି ମୁତୟନ କରାଯାଇଥିଲା। ଅପରପକ୍ଷରେ, ବର୍ତ୍ତମାନ ମାଟ୍ରିକ ପରୀକ୍ଷା ଚାଲିଛି। ବହୁ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ଏଭଳି ପରିସ୍ଥିତିରେ ବସ୍ତିବାସୀ ଏହି ଘର ଭଙ୍ଗା ଅଭିଯାନକୁ ଆଉ କିଛିଦିନ ପରେ କରିବାକୁ ଦାବି କରିଥିଲେ।

## ଏନ୍‌ଆଇଟି ରାଉରକେଲାରେ ଜାତୀୟ ବିଜ୍ଞାନ ଦିବସ

ରାଉରକେଲା,୨୮।୨(ସଙ୍ଗୀତା ଜେନା)

ଏନଆଇଟି ରାଉରକେଲା ପକ୍ଷରୁ "ପାର୍ଟିକାଲ ହଣ୍ଟର୍ସ ଗାଇଡ" ଉପରେ ଶନିବାର ଏକ ଆଲୋଚନା ଏବଂ ଏକ ପ୍ରଦର୍ଶନୀ ଆୟୋଜନ କରାଯାଇ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ରାଉରକେଲାର ନିରନ୍ତର କୃଷି, ସ୍ୱାସ୍ଥ୍ୟ, ଶକ୍ତି ଏବଂ ପରିବେଶ କନସୋର୍ଟିୟମ ଅଧୀନରେ 'ବିଜ୍ଞାନର ଯାଦୁ' ଶୀର୍ଷକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ବିଜ୍ଞାନ ଶ୍ରୀ ପୁରସ୍କାରପ୍ରାପ୍ତ ପ୍ରଫେସର ନବ କୁମାର ମଣ୍ଡଳ (ବରିଷ୍ଠ ବୈଜ୍ଞାନିକ, ଭାରତୀୟ ଜାତୀୟ ବିଜ୍ଞାନ ଏକାଡେମୀ) ମୁଖ୍ୟ ଅତିଥି ଭାବରେ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ୪୦୦ରୁ ଅଧିକ ସ୍କୁଲ ଛାତ୍ରୀଛାତ୍ର, ଅଧ୍ୟାପକ ଏବଂ କର୍ମଚାରୀମାନେ ଏକତ୍ରିତ ହୋଇ ବୈଜ୍ଞାନିକ ଶିକ୍ଷା ଏବଂ ପାରସ୍ପରିକ କ୍ରିୟା ପାଇଁ ଏକ ସ୍ପନ୍ଦନଶୀଳ ପ୍ଲାଟଫର୍ମ ସୃଷ୍ଟି କରିଥିଲେ। ଶନିବାର ପୂର୍ବାହ୍ନ ୧୦ ଟା୩୦ ରେ ଆରଏମ ହଲରେ 'ବିଜ୍ଞାନ ଦିବସ ପ୍ରଦର୍ଶନୀ' ଉଦଘାଟନ ସହିତ ଉତ୍ସବ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଆରମ୍ଭ ହୋଇଥିଲା। ଶିକ୍ଷାନୁଷ୍ଠାନର ଗବେଷକମାନେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ବିକାଶର ଉନ୍ନତିକୁ ଉଜ୍ଜ୍ୱଳ କରୁଥିବା ୧୨ଟି ଅଭିନବ ପ୍ରଦର୍ଶନୀ ପ୍ରଦର୍ଶନ କରିଥିଲେ। ଏହା ପରେ ଭୁବନେଶ୍ୱର ବେହେରା ଅଡିଟୋରିୟମରେ ଆନୁଷ୍ଠାନିକ ସମାରୋହ ଅନୁଷ୍ଠିତ ହୋଇଥିଲା। ଡକ୍ଟର ମୋନାଲିସା ପଟ୍ଟନାୟକ (ଇନଷ୍ଟିଚ୍ୟୁଟ ସେମିନାରର ଦାୟିତ୍ୱରେ ପ୍ରଫେସର) ପ୍ରାରମ୍ଭିକ ଭାଷଣ ଦେଇଥିଲେ। ପ୍ରଫେସର ଏସ. କେ. ପ୍ରତିହାର (ପ୍ରୋଜେକ୍ଟ ନିର୍ଦ୍ଦେଶକ ରାଉରକେଲା) ଫ୍ରେମୱାର୍କ ଅଧୀନରେ ସହଯୋଗୀ ଗବେଷଣା ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରଫେସର କେ. ଉମାମହେଶ୍ୱର ରାଓ (ନିର୍ଦ୍ଦେଶକ, ଏନଆଇଟି ରାଉରକେଲା), ପ୍ରଫେସର ରୋହନ ଧିମାନ (ରେଜିଷ୍ଟ୍ରାର, ଏନଆଇଟି ରାଉରକେଲା), ପ୍ରଫେସର ଜ୍ୟୋତି ପ୍ରକାଶ କର (ବିଭାଗମୁଖ୍ୟ ପଦାର୍ଥ ବିଜ୍ଞାନ), ପ୍ରଫେସର ହନୁମନ୍ତ ରାଓ ବି. ମଞ୍ଚରେ ଯୋଗ ଦେଇ ବିଜ୍ଞାନ ଦିବସ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା "ପାର୍ଟିକୁଲ ହଣ୍ଟର୍ସ ଗାଇଡ" ଉପରେ ଏକ ମୁଖ୍ୟ ଆଲୋଚନା। ଯାହା ମୁଖ୍ୟ ଅତିଥି ପ୍ରଫେସର ନବ କୁମାର ମଣ୍ଡଳ (ବରିଷ୍ଠ ବୈଜ୍ଞାନିକ, ଆଇ ଏନ ସା ଏବଂ ସାହା ଇନଷ୍ଟିଚ୍ୟୁଟ ଅଫ ନ୍ୟୁକ୍ଲିୟର ଫିଜିକ୍ସ, କୋଲକାତାର ପ୍ରଫେସର) ପ୍ରଦାନ କରିଥିଲେ। ସେହିପରି ବିଜ୍ଞାନ ଚେତନା ମଞ୍ଚ ଓ ମଧୁସୂଦନ ଶିକ୍ଷା ନିବାସ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ବିଜ୍ଞାନ ଚେତନା ମଞ୍ଚ ଓ ସ୍ଥାନୀୟ ସେକ୍ଟର- ୧୭ସ୍ଥ ମଧୁ ସୁଦନ ଶିକ୍ଷା ନିବାସରେ ପାଳିତ ହୋଇଯାଇଛି । ପ୍ରଥମେ ସି. ଭି. ରମଣଙ୍କ ଫୋଟୋରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ବିଦ୍ୟାଳୟର ସୁନାମଧନ୍ୟା ଶିକ୍ଷୟିତ୍ରୀ ଝିଲିମା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାୟ ୧୫ ଜଣ ଛାତ୍ରୀ ବିଜ୍ଞାନ ଦିବସ ତଥା ସିଭି ରମଣଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। କୃତୀ ଛାତ୍ର ବିଜ୍ଞାନ ଚେତନା ମଞ୍ଚର କର୍ମକର୍ତ୍ତା ଆଲୋକ ବେହେରା ସର୍ବଦା ପ୍ରଶ୍ନ କର ବୋଲି ଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ଶିକ୍ଷୟିତ୍ରୀ ଝିଲିମା ମହାନ୍ତି ବିଜ୍ଞାନ ଉପରେ ଏକ ସୁନ୍ଦର କବିତା ଜରିଆରେ ବିଜ୍ଞାନକୁ ବୁଝିବା ଓ ସମାଜର ହିତ ପାଇଁ ବିଜ୍ଞାନକୁ ପ୍ରୟୋଗ କରିବାକୁ ପିଲାମାନଙ୍କୁ ଆହ୍ୱାନ କରିଥିଲେ। ଏସବୁ କରି ପାରିଲେ ସିଭି ରମଣଙ୍କ ପ୍ରତି ଉଚିତ ସମ୍ମାନ ହେବ। ଶେଷରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଷ୍ଟପ୍ରହର ନାମଯଜ୍ଞ

ଜମନକିରା,(ରବୀନ୍ଦ୍ର ପ୍ରସାଦ ଦାନୀ): ଜମନକିରା ବ୍ଲକ ଦଶଘରିଆ ପଡ଼ାରେ ଶନିବାର ଅଷ୍ଟପ୍ରହର ନାମଯଜ୍ଞ ସମାପନ ହୋଇଛି। ଗତ ୨୫ ତାରିଖ କଳସ ଯାତ୍ରା, ଯଜ୍ଞ ମଣ୍ଡପ ପ୍ରତିଷ୍ଠା ଏବଂ ୨୬ ତାରିଖ ଠାକୁର ମଣ୍ଡପକୁ ଆବାହନ, ସୂର୍ଯ୍ୟପୂଜା, ଠାକୁର ପୂଜା, ସର୍ବ ଦେବଦେବୀ ପୂଜନ ହୋଇଥିଲା। ହୋମ ଆଳତୀ ଏବଂ ପୂର୍ଣ୍ଣାହୂତି ଅପରାହ୍ନ ୧ଟାରେ ଶେଷ ହୋଇଥିବା ବେଳେ ସାଢ଼େ ୩ଟାରେ ନଗର ପରିକ୍ରମା କରାଯାଇଥିଲା। ଦଶଘରିଆ ଠାରେ ନୂତନ ଭାବେ ନାମଯଜ୍ଞ ଆରମ୍ଭ ହୋଇଥିବା ବେଳେ କର୍ତ୍ତା ଭାବେ ଛତ୍ରୁ କଲେତ ଓ ତାଙ୍କ ଧର୍ମପତ୍ନୀ ଲୀନା ପାତ୍ର ପୂଜା କାର୍ଯ୍ୟ ତୁଲାଇଥିଲେ। କିଶୋର ବାଘ, ସୁରେଶ ବାଘ, ସୁରେନ୍ଦ୍ର ବୁଡ଼ା, ଅଶୋକ ଜାମୁଡାଳିଆ, ବିନୋଦ ନାଏକ, ବାଣାପାଣି ନାଏକ ଅଂଶଗ୍ରହଣ କରିଥିଲେ।

# ବିଜ୍ଞାନ ମାନବର ଉନ୍ନତି ପାଇଁ ଉଦ୍ଦିଷ୍ଟ

### ବିଭିନ୍ନ ଶିକ୍ଷାନୁଷ୍ଠାନରେ ଜାତୀୟ ବିଜ୍ଞାନ ଦିବସ ପାଳିତ

ସମ୍ବଲପୁର,୨୮।୨(ବି.ଶଙ୍କର)

ଜାତୀୟ ବିଜ୍ଞାନ ଦିବସ କାର୍ଯ୍ୟକ୍ରମ ସମ୍ବଲପୁର ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶନିବାର ପାଳିତ ହୋଇଛି । ନୋବେଲ ପୁରସ୍କାର ବିଜେତା ଡ. ସି ଭି ରମଣଙ୍କ ଫାଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହିକ୍ରମରେ ବୁର୍ଲାସ୍ଥିତ ଡିଏଭି ବିଦ୍ୟାଳୟରେ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ରମଣ ପ୍ରଭାବ ଆବିଷ୍କାର ପରେ ପ୍ରଥମ ଭାରତୀୟ ଭାବେ ପଦାର୍ଥ ବିଜ୍ଞାନରେ ୧୯୩୦ ମସିହାରେ ଡ. ସିଭି ରମଣ ନୋବେଲ ପୁରସ୍କାର ଲାଭ କରିଥିଲେ। ବିଜ୍ଞାନର ଉପକାରିତା ଓ ଉପଯୋଗିତା ଉପରେ କହିଥିଲେ। ଶିକ୍ଷୟିତ୍ରୀ ଅପର୍ଣ୍ଣା ଦାସ ସାମ୍ପ୍ରତିକ ପରିସ୍ଥିତିରେ ବିଜ୍ଞାନର ଆବଶ୍ୟକତା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ଶିକ୍ଷକ ସୌଭାଗ୍ୟ କୁମାର ମିଶ୍ର ନିଜ ବକ୍ତବ୍ୟରେ ଡ. ସିଭି ରମଣଙ୍କ ଜୀବନୀ ଉପରେ ଅନେକ ତଥ୍ୟ ଉପସ୍ଥାପନ କରିଥିଲେ। ଶିକ୍ଷୟିତ୍ରୀ ଜୟଶ୍ରୀ ବିଦ୍ୟାଧର ଧନ୍ୟବାଦ ଅର୍ପଣ କରିଥିଲେ।

ମାନେଶ୍ୱର ବ୍ଲକର ହୁମା ପଞ୍ଚାୟତସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସୁଶୀଲ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଦିବସ ଅବସରରେ ବିବିଧ ପ୍ରତିଯୋଗିତା ହୋଇଥିଲେ। ବିଜ୍ଞାନ ଶିକ୍ଷକ ମଧୁସୂଦନ ମିଶ୍ର ସ୍ୱାଗତ ବକ୍ତବ୍ୟ ପ୍ରଦାନ କରି ବିଜ୍ଞାନ ଦିବସ ପାଳନର ଉଦ୍ଦେଶ୍ୟ ଓ ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ଶିକ୍ଷକ ସତ୍ୟଜିତ ବେହେରା ଜନଜୀବନରେ ବିଜ୍ଞାନର ପ୍ରଭାବ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ସଭାରେ ଶିକ୍ଷକ ସୀତାରାମ ସାହୁ, ସନ୍ଦୀପ ସାହୁ, ଭଗବାନ ଝାଙ୍କର, ହେମନ୍ତ ମଲ୍ଲିକ ଶିକ୍ଷୟିତ୍ରୀ, ପୁଷ୍ପାଞ୍ଜଳି ଡନସନା, ଜ୍ୟୋର୍ତିମୟୀ ଭୋଇ ଉପସ୍ଥିତ ଥିଲେ। ବୁଢ଼ାରଜା ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀଙ୍କ ଅଧ୍ୟକ୍ଷତାରେ ଜାତୀୟ ବିଜ୍ଞାନ ଦିବସ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ମିଶ୍ର ଏବଂ ଛାତ୍ରୀଛାତ୍ରମାନେ ଶିକ୍ଷୟିତ୍ରୀ ଜୟନ୍ତୀ ହୋତାଙ୍କ ଦ୍ୱାରା ଲିଖିତ ବିଜ୍ଞାନ ସଙ୍ଗୀତ ପରିବେଷଣ କରିଥିଲେ । ବିଜ୍ଞାନ ଶିକ୍ଷକ ପ୍ରଦୀପ କୁମାର ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ପ୍ରିୟସ୍ମିତା ରାଣୀ ବିଶି, ପଙ୍କଜିନୀ ନାୟକ ରମଣ ପ୍ରଭାବ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କୁଇଜ୍ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

ଧନୁପାଲି ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଗଙ୍ଗାଧର ବିଶ୍ୱ ବିଦ୍ୟାଳୟର ରସାୟନ ବିଭାଗ ଅଧ୍ୟାପକ ଡ.ଦେବାଶିଷ ବେହେରା ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟ ସଭାପତି ଡ. ଦେବେନ୍ଦ୍ର ପଣ୍ଡା, ବିଜ୍ଞାନଶିକ୍ଷୟିତ୍ରୀ ଅର୍ଣ୍ଣପୂର୍ଣ୍ଣା ପାଢ଼ୀ, ବିଜ୍ଞାନ ବିଭାଗ ସଂଯୋଜିକା ପ୍ରମିତି ଦାସ, ପ୍ରଧାନଆଚାର୍ଯ୍ୟ ବିଭୁ ପ୍ରସାଦ ମହାପାତ୍ର ସମ୍ମାନୀତ ଅତିଥି ଓ ବକ୍ତାଥିଲେ। ବିଜ୍ଞାନ ମାନବର ଉନ୍ନତି ପାଇଁ ଉଦ୍ଦିଷ୍ଟ ଅଟେ। ଏହାର ଅପବ୍ୟବହାର କଦାପି କରିବା ଉଚିତ ନୁହେଁ। ବିଜ୍ଞାନର ଅବଦାନ ଓ ମହତ୍ୱ ସର୍ବଦା ରହିଛି ଏବଂ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।


ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଜାତୀୟ ବିଜ୍ଞାନ ଦିବସ କାର୍ଯ୍ୟକ୍ରମରେ ପୁରସ୍କୃତ ଛାତ୍ରୀଛାତ୍ରମାନେ ।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

### ନାବାଳିକା ବଳାତ୍କାର ମାମଲା

ସମ୍ବଲପୁର,୨୮।୨(ପ୍ରମୋଦ ବହିଦାର)

ରେଙ୍ଗାଲି ଥାନା ଅନ୍ତର୍ଗତ ମଗାପଡ଼ା ଗ୍ରାମରେ ୨୦୨୫ ମସିହାରେ ସଂଘଟିତ ନାବାଳିକା ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ସମ୍ବଲପୁର ଅତିରିକ୍ତ ଜିଲାଜଜ୍ ତଥା ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଳାଷ ସେନାପତି। ଏହି ମାମଲାର ବିଚାର କରି ଶନିବାର ବିଚାରପତି ତାଙ୍କ ରାୟରେ ମଗାପଡ଼ା ଗ୍ରାମର ହେମନ୍ତ ଓରାମ(୨୮)ଙ୍କୁ ଭାରତୀୟ ନ୍ୟାୟ ସଂହିତା ଆଇନ୍ ଦଫା ୬୪(୨)(ଏମ୍) ଓ ୬ ପୋକ୍‌ସୋ ଆଇନ୍‌ରେ ୨୦ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୧ ବର୍ଷ ସଶ୍ରମ କାରଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିପରି ବିଏନ୍‌ଏସ୍ ଦଫା ୩୫୧(୩)ରେ ଅଭିଯୁକ୍ତଙ୍କୁ ୪ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ହଜାର ଟଙ୍କା ଜରିମାନା ତଥା ଜରିମାନା ଅର୍ଥ ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ଏକମାସ ସଶ୍ରମ କାରଦଣ୍ଡ ଭୋଗିବାକୁ ବିଚାରପତି ରାୟ ଦେଇଛନ୍ତି। ଏହାସହିତ ପୀଡ଼ିତାଙ୍କୁ ୧୫ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବିଚାରପତି।

ତଥ୍ୟ ଅନୁସାରେ, ରେଙ୍ଗାଲି ଥାନା ଅନ୍ତର୍ଗତ ମଗାପଡ଼ା ଗ୍ରାମରେ ହେମନ୍ତ ସମ୍ପୃକ୍ତ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ଦୀର୍ଘ ୧ ବର୍ଷ ହେଲା ଡରାଇ ଧମକାଇ ଶାରୀରିକ ସମ୍ପର୍କ ସ୍ଥାପନ କରୁଥିଲେ। ଫଳରେ ନାବାଳିକା ଗର୍ଭବତୀ ହୋଇଥିଲେ। ୨୦୨୫ ସେପ୍ଟେମ୍ବରରେ ନାବାଳିକା ଅସୁସ୍ଥ ହେବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେ ଗର୍ଭବତୀ ଥିବା ଜଣା ପଡ଼ିଥିଲା। ପରିବାର ଲୋକେ ପଚାରଉଚରା ପରେ ହେମନ୍ତ ତାଙ୍କ ସହିତ କରିଥିବା ଘଟଣା ସମ୍ପର୍କରେ ବିଷୟରେ କହିଥିଲେ। ଏହାପରେ ସେପ୍ଟେମ୍ବର ୬ରେ ନାବାଳିକାଙ୍କ ବାପା ଏନେଇ ରେଙ୍ଗାଲି ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲା ତଥା ପୀଡ଼ିତାଙ୍କ ବୟାନ ରେକର୍ଡ ପରେ ରେଙ୍ଗାଲି ଥାନାରେ ବିଏନ୍‌ଏସ୍ ଦଫା ୬୪(୨)(ଏମ୍), ୩୫୧(୩) ଓ ୬ ପୋକ୍‌ସୋ ଆଇନ୍‌ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଅଭିଯୁକ୍ତଙ୍କୁ ସେପ୍ଟେମ୍ବର ୮ରେ ଗିରଫ କରିଥିଲା। ୨୦୨୫ ଅକ୍ଟୋବର ୩୦ରେ ପୋଲିସର ଚାର୍ଜଶିଟ୍ ଦାଖଲ ପରେ ନଭେମ୍ବର ୭ ତାରିଖରୁ ପୋକ୍‌ସୋ ଅଦାଲତରେ ଏହି ମାମଲାର ଶୁଣାଣି ଆରମ୍ଭ ହୋଇ ୨୦୨୬ ଫେବୃଆରୀ ୩ ତାରିଖରେ ଶେଷ ହୋଇ ରାୟକୁ ସଂରକ୍ଷିତ ରଖାଯାଇଥିଲା। ଅଭିଯୁକ୍ତ ଜାମିନ୍‌ରେ ଥିବାରୁ ତାଙ୍କୁ ଗିରଫ କରି କୋର୍ଟରେ ହାଜର କରାଯିବା ପରେ ଶନିବାର ରାୟ ପ୍ରକାଶ କରିଥିଲେ ବିଚାରପତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ଅଦାଲତରେ ସରକାରୀ ଓକିଲ ପ୍ରସନ୍ନ କୁମାର ସାହୁ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠୋତ୍ସବ

ସମ୍ବଲପୁର,୨୮।୨(ବି.ଶଙ୍କର)

ଗୁରୁ ସତ୍ୟନାରାୟଣ ବହିଦାର ସାହିତ୍ୟ ସଂସଦ ଆନୁକୂଲ୍ୟ ଓ ସିଦ୍ଧେଶ୍ୱରୀ ଧର୍ମ ସଂସଦ ସହଯୋଗରେ ସାରସ୍ୱତ ସଭା ଓ କବିତା ପାଠୋତ୍ସବ ଶନିବାର ରାତିରେ ସମ୍ବଲପୁରସ୍ଥିତ ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଛି। କବି ଗୋପିନାଥ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। କବି ମହମ୍ମଦ ତଫିଜୁଲ ହୁସେନ ମୁଖ୍ୟ ଅତିଥିଥିଲେ। ଏହି ଅବସରରେ କବି ଅନୁପମା ବିଶ୍ୱାଳଙ୍କ କବିତା ସଙ୍କଳନ ଭାବନାରେ ମୋ କବିତା ଉପରେ ଆଲୋଚନା ଓ ସମୀକ୍ଷା ହୋଇଥିଲା। ଏହାପରେ କବି ପ୍ରଣତି ମହାପାତ୍ର, ବିଭୂତି ଭୂଷଣ ମିଶ୍ରଙ୍କ ସଂଯୋଜନାରେ କବି ଜୟକୃଷ୍ଣ ବେହେରା, ବିଭୂତି ମିଶ୍ର, ଭବାନୀ ଶଙ୍କର ମେହେର, ସବିତା ମିଶ୍ର, କେଦାରନାଥ ବିଶ୍ୱାଳ, ଅନୁପମା ବିଶ୍ୱାଳ, ପ୍ରଦୀପ ପାଣିଗ୍ରାହୀ ସ୍ୱରଚିତ କବିତା ପାଠ କରିଥିଲେ। ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ପ୍ରାରମ୍ଭିକ ଭାଷଣ ଦେଇଥିଲେ। ଅମିୟ ପାଣି, ରାଜେନ୍ଦ୍ର କୁମାର ପାଣ୍ଡେ, ଶିବ ନାରାୟଣ ପାଣିଗ୍ରାହୀ, ଅଧ୍ୟାପକ ସୋମନାଥ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ଭାଜପା ନେତା ଅଲେଖାନନ୍ଦ ପ୍ରଧାନଙ୍କ ପରଲୋକ

ରେଢାଖୋଲ,୨୮।୨(ସନ୍ତୋଷ ବଘାର)

ସମ୍ବଲପୁର ଜିଲା ରେଢ଼ାଖୋଲ ନଗର ଭାଜପା ସାଧାରଣ ସମ୍ପାଦକ ଅଲେଖାନନ୍ଦ ପ୍ରଧାନଙ୍କ ଶୁକ୍ରବାର ବିଳମ୍ବିତ



ରାତିରେ କେନ୍ଦୁଝର ଜିଲା ବଡ଼ବିଲଠାରେ ପରଲୋକ ହୋଇଛି। ସେ ବଡ଼ବିଲରେ ତାଙ୍କ ପୁଅଙ୍କ ପାଖରେ ଗତ ୧୫ଦିନ ହେଲା ରହୁଥିଲେ। ହେଲେ ରାତିରେ ହଠାତ୍ ଅସୁସ୍ଥ ହୋଇ ପଡିବା ପରେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ସକାଳ ୭ଟାରେ ମୃତଦେହ ରେଢ଼ାଖୋଲ ଖନ୍ଦାଡିପସ୍ଥିତ ବାସଭବନରେ ପହଞ୍ଚିବା ପରେ ବନ୍ଧୁ ପରିଜନ ଶେଷ ଦର୍ଶନ କରିଥିଲେ। ନିକଟ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ମୃତ୍ୟୁକୁ ନେଇ ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକପ୍ରକାଶ କରିଛନ୍ତି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ବରିଷ୍ଠ ନେତା ଗୋବିନ୍ଦ ଅଗ୍ରୱାଲ, ପ୍ରତାପ ପ୍ରଧାନ, ଏନଏସି ଅଧ୍ୟକ୍ଷ ଶିବରାମ ସାହୁ, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଜିଲା ପରିଷଦ ସଭ୍ୟ ଶରତ ପ୍ରଧାନ, ଭାଜପା ନଗର ସଭାପତି ସୁଷମା ମୁଣ୍ଡା, ପୂର୍ବତନ ଉପାଧ୍ୟକ୍ଷା ସୁନୀଲ ପ୍ରଧାନ, କାଉନସିଲର ଅମରେଶ ନାଏକ ପ୍ରମୁଖ ତାଙ୍କ ଶେଷଦର୍ଶନ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ସରକାରୀ ମହିଳା ମହାବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ



ଆୟୋଜିତ ଜାତୀୟ ବିଜ୍ଞାନ ଦିବସରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ ।

ସମ୍ବଲପୁର,୨୮।୨(ବି.ଶଙ୍କର)

ସମ୍ବଲପୁର ସହରସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ଏଥିରେ ସଭାପତିତ୍ୱ କରିଥିଲେ। ଭୁବନେଶ୍ୱରସ୍ଥିତ ଜାତୀୟ ବିଜ୍ଞାନ ଓ ଶୈକ୍ଷିକ ଗବେଷଣା ପ୍ରତିଷ୍ଠାନ(ଏନଆଇଏସଇଆର)ର ଡ. ବିଷ୍ଣୁ ପ୍ରସାଦ ବିଶ୍ୱାଳ ମାନବ ସେବାରେ ବିଜ୍ଞାନ ଶୀର୍ଷକରେ ଏକ ସାର ଗର୍ଭକ ଅଭିଭାଷଣ ଦେଇ ଏହାର ଲୋକ କଲ୍ୟାଣକର ଦିଗ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଥିଲେ। ବିଜ୍ଞାନକୁ ବିଶେଷ ଅଧ୍ୟୟନ ଓ ବୃତ୍ତିଭାବେ ଗ୍ରହଣ କରି ସମାଜର ଯାବତୀୟ ଉନ୍ନତିରେ ସଶକ୍ତ ଭୂମିକା ଗ୍ରହଣ କରିଥିବା ମହିଳା ବୈଜ୍ଞାନିକମାନଙ୍କ ଅବଦାନ ତଥା ସଫଳତାର କାହାଣୀ ଉଲ୍ଲେଖ କରିଥିଲେ। ଏହା ସହିତ ଛାତ୍ରୀମାନଙ୍କ ଆଲୋଚନା ସମ୍ବନ୍ଧିତ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ହୋଇଥିଲା। ବିଜ୍ଞାନ ସମିତି ଉପସଭାପତି ପ୍ରଫେସର ପବିତ୍ର ମୋହନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ସୁନୀଲ କୁମାର ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ପରିଚାଳନାରେ ବିଜ୍ଞାନ ବିଭାଗୀୟ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ। କୁଇଜ ପ୍ରତିଯୋଗିତାର ଶ୍ରେଷ୍ଠ ୩ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର, ଗର୍ଭବତୀ

କୁଚିଣ୍ଡା,୨୮।୨(ବିରଞ୍ଚି ଦର୍ଦ୍ଦା)

ସମ୍ବଲପୁର ଜିଲା ବାମରା ବ୍ଲକ ଗୋବିନ୍ଦପୁର ଥାନା ଅଞ୍ଚଳର ଜଣେ ଭିନ୍ନକ୍ଷମ ନାବାଳିକା ବଳାତ୍କାରର ଶିକାର ହୋଇ ଗର୍ଭବତୀ ହୋଇଥିବା ଅଭିଯୋଗ ହୋଇଛି। ପୀଡିତାଙ୍କ ମା'ଙ୍କ ରିପୋର୍ଟ ଅନୁସାରେ ଗୋବିନ୍ଦପୁର ଥାନା ପୋଲିସ ପୋକ୍‌ସୋ ଆଇନର ବିଭିନ୍ନ ଧାରାରେ ଏକ ମାମଲା(ନଂ.୧୭/୨୬) ରୁଜୁ କରି ତନାଘନା କରୁଛି। ଏସ୍‌ପି ମୁକେଶ କୁମାର ଭାମୁଙ୍କ ନିର୍ଦ୍ଦେଶକ୍ରମେ ଏଭଳି ସମ୍ବେଦନଶୀଳ ଘଟଣାକୁ ଗୁରୁତର ସହ ନେଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ଜୋରଦାର ଉଦ୍ୟମ ଚଳାଇଛି। ଶନିବାର କୁଚିଣ୍ଡା ଏସ୍‌ଡିପିଓ ପ୍ରଦୀପ କୁମାର ଦାସ ପୋଲିସ ଟିମ୍‌ଙ୍କ ସହ ତଦନ୍ତ କରିଛନ୍ତି। ଗୋବିନ୍ଦପୁର ଥାନା ଅଞ୍ଚଳର ଜଣେ ୧୬ବର୍ଷୀୟ ଭିନ୍ନକ୍ଷମ ନାବାଳିକାଙ୍କ ଅସ୍ୱାଭାବିକଭାବେ ପେଟ ଫୁଲି ଚାଲିଥିଲା। ଏହାକୁ ନେଇ ତାଙ୍କ ମା'ବାପା ସନ୍ଦେହ କରି ବୁଧବାର ଗୋବିନ୍ଦପୁର ମେଡ଼ିକାଲକୁ ନେଇଥିଲେ। ଯାଞ୍ଚ ପରେ ନାବାଳିକା ଜଣକ ପ୍ରାୟ ୪ମାସର ଗର୍ଭବତୀ ଥିବା ଡ଼ାକ୍ତର ସୂଚନା ଦେଇଥିଲେ। ମାତ୍ର ନାବାଳିକା ଭିନ୍ନକ୍ଷମ(ମୂକବଧିର) ହୋଇଥିବାରୁ ତାଙ୍କ ସହ କିଏ ଏଭଳି କାଣ୍ଡ କଲା ସେ କହି ପାରୁନାହାନ୍ତି। ଗୁରୁବାର ପୀଡିତାଙ୍କ ଡ଼ାକ୍ତରୀ ମାଇନା କରାଯାଇ ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଅଭିଯୋଗକାରୀ ମା'ଙ୍କ ବୟାନ ରେକର୍ଡ କରାଯାଇଛି।

# ୯୯ ଛାତ୍ରୀ ନେଲେ ଆତ୍ମରକ୍ଷା ତାଲିମ


ଜଣେ ତାଲିମ୍‌ପ୍ରାପ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ନାକଟିଦେଉଳ,୨୮।୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ଗତ ୨୦ ତାରିଖଠାରୁ ଆରମ୍ଭ ହୋଇଥିବା ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି । ଅନୁଷ୍ଠାନ ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀତା ଭୋଇ ଯୋଗଦେଇ ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ଶିଖିବା ଜରୁରୀ ବୋଲି କହିଥିଲେ। ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ, ବିନୋଦ ବିହାରୀ ପ୍ରଧାନ, ଶେଷଦେବ ବିଶ୍ୱାଳ, ସୁଭାଷ ଚନ୍ଦ୍ର ବେହେରା ଓ ଅଧ୍ୟାପିକା ଲିଟିନା ପ୍ରିୟଦର୍ଶିନୀ ସେଫ୍ଟି ଆପର ବ୍ୟବହାର, ଆଲର୍ଟ ରହିବା, ପାଖରେ ଟଙ୍କା ପଇସା ନ ରଖିବା, ଶାରୀରିକସ୍ତରରେ ସଶକ୍ତ ରହିବା, ସୁରକ୍ଷା ପ୍ରତି ସଜାଗ ରହିବା ଓ ଜୁଡୋ କରାଟେ ଶିଖିବାର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ଏସଡିଟିପି ଦାୟିତ୍ୱରେ ଥିବା ଅଧ୍ୟାପିକା ଡ଼ ପୁଷ୍ପାଞ୍ଜଳି ରବନା ଧନ୍ୟବାଦ ଅର୍ପଣ କରିଥିଲେ। ତାଲିମରେ ଭାଗ ନେଇଥିବା ଛାତ୍ରୀଙ୍କୁ ମୁଖ୍ୟ ଅତିଥି ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ତେଜସ୍ୱିତା ସାହୁ ମାଷ୍ଟର ଟ୍ରେନରଭାବେ ଯୋଗ ଦେଇଥିଲେ। ୯୯ ଜଣ ଛାତ୍ରୀ ତାଲିମ ନେଇଥିଲେ।

# ଟାଟା ମ୍ୟାଜିକ୍ ଓଲଟି ୧୦ ଆହତ

ରେଢ଼ାଖୋଲ,୨୮।୨(ସନ୍ତୋଷ ବଘାର)

ରାଞ୍ଚି-ବିଜୟୱାଡ଼ା ଜାତୀୟ ରାଜପଥ ରେଢ଼ାଖୋଲ-ନାକଟିଦେଉଳ ରାସ୍ତାର ତେରବେଡା ଛକ ନିକଟରେ ଶନିବାର ଏକ ଟାଟା ମ୍ୟାଜିକ ଓଲଟି ପଡିବାରୁ ୧୦ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ରେଢ଼ାଖୋଲ ଉପଖଣ୍ଡ ଡ଼ାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩ ଗୁରୁତରଙ୍କୁ ବୁର୍ଲା ଭିମସାର ପଠାଯାଇଛି। ଆହତ ଓ ଗୁରୁତରମାନେ ନାକଟିଦେଉଳ ବ୍ଲକ ବାଟଗାଁ ଅଞ୍ଚଳର। ସେମାନେ ରେଢ଼ାଖୋଲ ସାପ୍ତାହିକ ହାଟକୁ ବ୍ୟବସାୟ କରିବା ପାଇଁ ଶନିବାର ସକାଳେ ଟାଟା ମ୍ୟାଜିକ(ନଂ.ଓଡ଼ି ୧୯ ଏବି ୭୮୫୯)ଯୋଗେ ଆସୁଥିଲେ। ତେରବେଡା ଛକ ନିକଟରେ ଗାଡ଼ି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ରେଢ଼ାଖୋଲ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଭିସୁଟ୍‌ର ଟିମ୍ ଏରୋଟେକ୍‌କୁ ପୁଣି ସଫଳତା

### ରେଗୁଲାର ଡିଜାଇନ୍ ରିପୋର୍ଟ ବିଭାଗରେ ଶ୍ରେଷ୍ଠ

ସମ୍ବଲପୁର,୨୮।୨(ପ୍ରମୋଦ ବହିଦାର)

'ଟିମ୍ ଏରୋଟେକ୍' ପୁନର୍ବାର ରାଷ୍ଟ୍ରୀୟସ୍ତରରେ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)କୁ ଗୌରବାନ୍ୱିତ କରିଛି। କେସିଜି କଲେଜ୍ ଅଫ୍ ଟେକ୍ନୋଲୋଜି ଚେନ୍ନାଇରେ ସୋସାଇଟି ଅଫ୍ ଅଟୋମୋଟିଭ୍, ଦକ୍ଷିଣ ଭାରତ ଶାଖା ଦ୍ୱାରା ଚଳିତ ମାସ ୨୦, ୨୧ ଓ ୨୨ ତାରିଖରେ ଆୟୋଜିତ ତିନିଦିନିଆ ପ୍ରତିଯୋଗିତାରେ ଭାଗ ନେଇ ଭିସୁଟ୍‌ର ଛାତ୍ରୀଛାତ୍ରଙ୍କ ଏହି ଦଳ ରେଗୁଲାର ଶ୍ରେଣୀର ଡିଜାଇନ୍ ରିପୋର୍ଟ ବିଭାଗରେ ସମଗ୍ର ଦେଶରେ ଶ୍ରେଷ୍ଠସ୍ଥାନ ହାସଲ କରିଛନ୍ତି। ଦେଶର ବିଭିନ୍ନ ପ୍ରମୁଖ ପ୍ରଯୁକ୍ତି ଅନୁଷ୍ଠାନରୁ ପ୍ରାୟ ୮୦ଟି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କଠିନ ପ୍ରତିଦ୍ୱନ୍ଦ୍ୱୀ ମଧ୍ୟରେ ଭିସୁଟ୍‌ର 'ଟିମ୍ ଏରୋଟେକ୍' ନବସୃଜନ ବୈଷୟିକ ପଦ୍ଧତି, ସଠିକ୍ ଯାନ୍ତ୍ରିକ ବିଶ୍ଳେଷଣ ଓ ଉତ୍କୃଷ୍ଟ ପ୍ରାୟୋଗିକ ପ୍ରତିବେଦନ ପାଇଁ ବିଚାରକମଣ୍ଡଳୀ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲେ। ଏହି ସଫଳତା ପାଇଁ ଭିସୁଟ୍ ପ୍ରଶାସନ ତଥା ସମସ୍ତ ଅଧ୍ୟାପିକା ଅଧ୍ୟାପକ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।



ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଭିସୁଟ୍‌ର ଟିମ୍ ଏରୋଟେକ୍‌ର ସଦସ୍ୟମାନେ।

# ସମ୍ବଲପୁର ସେଲିବ୍ରିଟି ଲିଗ୍ କ୍ରିକେଟ୍ ଉଦ୍‌ଘାଟିତ

ସମ୍ବଲପୁର,୨୮।୨(ପ୍ରମୋଦ ବହିଦାର)

ସମ୍ବଲପୁର କମିସନର୍ସ କଲୋନୀ କ୍ରିକେଟ୍ କ୍ଲବ(ସିସିସି) ପଡ଼ିଆରେ ଶନିବାରଠାରୁ ସେଲିବ୍ରିଟି ଲିଗ-୨୦୨୬ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଶନିବାର ସକାଳ ୮ଟାରେ ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍(ଓସିଏ)ର ପ୍ରାକ୍ତନ ଉପସଭାପତି ସାବୀର ହୁସେନ୍ ମୁଖ୍ୟଅତିଥି, ଟିମ୍ ନ୍ୟୁଜ୍ ୱାରିୟରର ସତ୍ତ୍ୱାଧିକାରୀ ହରଜିତ ସିଂ ଭୁର୍ଜି, ଟିମ୍ ଫୋକ ଏକାଦଶ ସତ୍ତ୍ୱାଧିକାରୀ ଅରୁଣ ତରିଆ, ଥିଏଟର ଲିଜେଣ୍ଡସ୍‌ର ଗଣେଶ ମହନ୍ତମ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ଦିବସରେ ଲିଗ୍ ପର୍ଯ୍ୟାୟର ୩ଟି ମ୍ୟାଚ ଖେଳାଯାଇଥିଲା।

ପ୍ରଥମ ମ୍ୟାଚ ଥିଏଟର ଲିଜେଣ୍ଡସ୍ ଓ ଫୋକ୍ ଏକାଦଶ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ଥିଏଟର ଲିଜେଣ୍ଡସ୍ ଦଳ ବିପକ୍ଷ ଫୋକ୍ ଏକାଦଶକୁ ୫୦ ରନ୍‌ରେ ପରାସ୍ତ କରିଥିଲେ। ଥିଏଟର ଲିଜେଣ୍ଡସ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୧ ଉଇକେଟ୍ ବିନିମୟରେ ୧୩୧ କରିଥିଲା। ଫୋକ୍ ଏକାଦଶ ୮ ଓଭରରେ ୪ଉଇକେଟ୍ ହରାଇ ମାତ୍ର ୮୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ଏଥିରେ ୬୫ ରନ୍‌ଥିବା ଥିଏଟର ଲିଜେଣ୍ଡସ୍‌ର ଦଳର ହିମାଂଶୁ ଶେଖର ସାହୁ ମ୍ୟାଚର୍ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ଦ୍ୱିତୀୟ ମ୍ୟାଚରେ ନ୍ୟୁଜ୍ ୱାରିୟର ୪ରନରେ ରକ୍‌ଷ୍ଟାର ଏକାଦଶକୁ ପରାସ୍ତ କରିଥିଲା। ନ୍ୟୁଜ୍ ୱାରିୟର ଟସ୍ ଜିଣି ନିର୍ଦ୍ଧାରିତ ୮ ଓଭରରେ ୩ ଉଇକେଟ୍ ହରାଇ ୧୦୨ ରନ୍ କରିଥିଲା। ଚବାବରେ ରକ୍‌ଷ୍ଟାର ନିର୍ଦ୍ଧାରିତ ଓଭରରେ ୩ ଉଇକେଟ୍ ବିନିମୟରେ ୯୮ ରନ୍ କରି ପରାସ୍ତ ହୋଇଥିଲା। ନ୍ୟୁଜ ୱାରିୟରର ଶୁଭାଶିଷ ପାଢ଼ୀ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ।

ତୃତୀୟ ମ୍ୟାଚରେ ନ୍ୟୁଜ୍ ୱାରିୟରକୁ ଫୋକ୍ ଏକାଦଶ ୬ ଉଇକେଟ୍‌ରେ ପରାସ୍ତ କରିଥିଲା। ଟସ୍ ଜିଣି ନ୍ୟୁଜ୍ ୱାରିୟର ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୩ ଉଇକେଟ୍ ହରାଇ ୯୧ ରନ୍ କରିଥିଲା। ଜବାବରେ ଫୋକ୍ ଏକାଦଶ ମାତ୍ର ୭ ଓଭରରେ ୪ ଉଇକେଟ୍ ହରାଇ ଆବଶ୍ୟକ ରନ୍ ହାସଲ କରି ନେଇଥିଲା। ଏଥିରେ ୫୦ ରନ୍ କରି ଫୋକ୍ ଏକାଦଶର ରାଜକୁମାର ବେସନ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆୟୋଜକ କମିଟି ସଦସ୍ୟ ନନ୍ଦକିଶୋର ସାହୁ, ବିପ୍ଳବ ଡନସନା, ସରୋଜ ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।


ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ।

### ଥିଏଟର ଲିଜେଣ୍ଡସ, ନ୍ୟୁଜ୍ ୱାରିୟର, ଫୋକ୍ ଏକାଦଶ ବିଜୟୀ

